## ସଂକ୍ଷେପରେ

### ୨ ଅନାଥ ନାବାଳକଙ୍କୁ ଥଇଥାନ

ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର.)- ଗଜପତି ଜିଲା ଶିଶୁ କଲ୍ୟାଣ ସମିତି ପକ୍ଷରୁ ୨ଜଣ ଅନାଥ ନାବାଳକଙ୍କୁ ଥଇଥାନ କରାଯାଇଛି । ଜଣଙ୍କ ବୟସ ୨ବର୍ଷ ୮ମାସ ଓ ଅନ୍ୟଜଣକ ବୟସ ୮ବର୍ଷ ହୋଇଥିବା ବେଳେ ଏମାନେ ନୂଆଗଡ ବ୍ଲକ ଅନ୍ତର୍ଗତ ସୁବଲଡା ଗ୍ରାମର ବାସିନ୍ଦା। ଏହି ଶିଶୁ ଦ୍ୱୟଙ୍କର ବାପା ପୂର୍ବରୁ ମୃତ୍ୟୁବରଣ କରିଥିବାବେଳେ ମା' ଅନ୍ୟତ୍ର ଚାଲିଯାଇଛନ୍ତି । ଦୁହେଁ ଅସହାୟ ଅବସ୍ଥାରେ ଥିବାବେଳେ ମୋହନା ଶିଶୁ ସୁରକ୍ଷା ୟୁନିଟ ଉଦ୍ଧାର କରିଥିଲେ। ଦୁହିଁଙ୍କୁ ଜିଲା ଶିଶୁ କଲ୍ୟାଣ ସମିତିକୁ ଅଣାଯିବା ପରେ ବଡ ଶିଶୁକୁ ପାରଳାଖେମୁଣ୍ଡିସ୍ଥିତ ସ୍ୱତନ୍ତ୍ର ପୋଷ୍ୟପୁତ୍ର ଗ୍ରହଣକାରୀ ସଂସ୍ଥା(ସା)କୁ ହସ୍ତାନ୍ତର କରାଯିବା ସହ ଲାଳନପାଳନ ବ୍ୟବସ୍ଥା କରାଯାଇଛି । ସାନଶିଶୁକୁ ମୋହନା ଜରଉସ୍ଥିତ ଶିଶୁ ଆଶ୍ରମରେ ରଖାଯିବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ଜିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି।

### ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଗୁମ୍ମା,୧।୧୧(ଡି.ଏନ.ଏ)ଗୁମ୍ମା ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ହାଟପଦା ଛକସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ନେତା ଓ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଗଜେନ୍ଦ୍ର ଗମାଙ୍ଗ, ଉପାଧକ୍ଷା ଗୀତାଞ୍ଜଳି ଭୂୟାଁ, ପୂର୍ବତନ ଉପାଧକ୍ଷ ବେର୍ଣ୍ଣିକ ଗମାଙ୍ଗ, ଜିଲାପରିଷଦ ସଭ୍ୟ ହିମାଂଶୁ କୁମାର ଲିମା, ବରିଷ୍ଠ ନେତା ତିରୁପତି ପାଣିଗ୍ରାହୀ, ଉପସଭାପତି ଲଳିତ ମୋହନ ଦଣ୍ଡସେନା, ସୂର୍ଯ୍ୟନାରାୟଣ ମହାପାତ୍ର, ମଣ୍ଟୁ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ନିରାପଦ ମାତୃତ୍ୱ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର)- ବାତ୍ୟା ଅବ୍ୟବହିତ ପୂର୍ବରୁ ଗଜପତି ଜିଲାର ଅପହଞ୍ଚ ଅଞ୍ଚଳର ୬୯ ଜଣ ଗର୍ଭବତୀଙ୍କୁ ଅଣାଯାଇ ବିଭିନ୍ନ ମା' ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା । ସେମାନଙ୍କୁ ଉମ୍ବପୁର, ମୋହନା, ଶବରପଲ୍ଲୀ, ଗୁମ୍ମା ଓ ଖଜୁରିପଦାକୁ ଅଣାଯାଇଥିଲା । ୬୯ଜଣଙ୍କ ମଧ୍ୟରୁ ୫୮ ଜଣଙ୍କୁ ମା' ଗୃହରେ ଏବଂ ଅନ୍ୟ ୧୧ ଜଣଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା। ବାତ୍ୟା ରାତିରେ ୬ଜଣ ମହିଳା ପ୍ରସବ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ୬୯ ଜଣଙ୍କ ମଧ୍ୟରୁ କେତେଜଣ ନିଜ ଘର ଛାଡି ଯିବା ଲାଗି ରାଜି ନ ଥିବାବେଳେ ଗ୍ରାମବାସୀ, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱେଚ୍ଛାସେବୀ ସେମାନଙ୍କୁ ବୁଝାଶୁଝା କରି ମା' ଗୃହକୁ ଆଣିଥିଲେ । ଫଳରେ ସେମାନେ ନିରାପଦରେ ରହିବା ସହ ମାତୃତ୍ୱ ଲାଭ କରିଥିଲେ ।

### ବିଜୁ ଯୁବ ବାହିନୀର ବିଭିନ୍ନ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର.)- ଗଜପତି ଜିଲାରେ ବାତ୍ୟା ଯୋଗୁ ବିପର୍ଯ୍ୟୟ ସୃଷ୍ଟି ହୋଇଥିବାବେଳେ ବିଜୁ ଯୁବ ବାହିନୀ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି । ଜିଲାର ୧୫୩ଟି ବିଜୁ ଯୁବବାହିନୀର ୫୦୨୩ ସଭ୍ୟଙ୍କ ମଧ୍ୟରୁ ୨୦୯୭ ସଭ୍ୟ ବାତ୍ୟା ପୂର୍ବରୁ ବିପଦସଙ୍କୁଳ ଯାଗାରେ ଥିବା ଲୋକଙ୍କୁ ସ୍ଥାନାନ୍ତରିତ କରିବା ସହ ରିଲିଫ ବଣ୍ଟନ ଆଦି ବିଭିନ୍ନ କାର୍ଯ୍ୟ କରିଛନ୍ତି । ୩ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇଥିଲେ । ସେହିପରି ରିଲିଫ ସାମଗ୍ରୀ ଲୋଡିଂ ଏବଂ ଅନଲୋଡିଂ କରିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସହଯୋଗ କରିଥିଲେ । ଯେଉଁ ପରିବାରରେ କେବଳ ବୃଦ୍ଧା ଓ ଦିବ୍ୟାଙ୍ଗ ରହୁଥିଲେ ସେମାନଙ୍କ ନିକଟକୁ ଖାଦ୍ୟ ସାମଗ୍ରୀ ପହଞ୍ଚାଇଥିଲେ । ଅଧିକ କ୍ଷତିଗ୍ରସ୍ତ ହୋଇଥିବା ରାୟଗଡ ବ୍ଲକରେ ରାସ୍ତା ସଫା କରିବା, ଗଛ କାଟିବା, ପାନୀୟ ଜଳ ଯୋଗାଇବା ଇତ୍ୟାଦି କାର୍ଯ୍ୟରେ ବିଜୁ ଯୁବ ବାହିନୀ ସହଯୋଗ କରିଥିଲେ । ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀଙ୍କ ନେତୃତ୍ୱରେ ଏସବୁ କାର୍ଯ୍ୟ ହୋଇଥିବାବେଳେ ପ୍ରକଳ୍ପ ଅଧିକାରୀ ସାହେବ ବିଶୋୟୀ ତଦାରଖ କରିଥିଲେ ।

■ ରିଲିଫ ବଣ୍ଟନରେ ଅନିୟମିତତା ଅଭିଯୋଗ

# ପ୍ରଶାସନର ଦ୍ୱାରସ୍ଥ କୁଜାସିଂ ପଞ୍ଚାୟତବାସୀ

ଗୁମ୍ମା, ୧।୧୧(ଡି.ଏନ.ଏ)



ତହସିଲଦାରଙ୍କୁ ଅଭିଯୋଗ ଜଣାଇବା ପାଇଁ ଆସିଥିବା କୁଜାସିଂ ପଞ୍ଚାୟତବାସୀ ।

ଗଜପତି ଜିଲା ଗୁମ୍ମା ବ୍ଲକ ଅଧୀନ କୁଜାସିଂ ପଞ୍ଚାୟତର ୧୧ଟି ୱାର୍ଡରେ ରିଲିଫ ବଣ୍ଟନ ହୋଇ ନ ଥିବା ଅଭିଯୋଗ ଆଣିଛନ୍ତି ପଞ୍ଚାୟତବାସୀ। ଏ ନେଇ ସେମାନେ ଗୁରୁବାର ଜିଲାପାଳ, ବିଡିଓ, ତହସିଲଦାର ଏବଂ ସ୍ଥାନୀୟ ଆର୍‌ଆଇଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଲୋକେ ଅଭିଯୋଗ କରିଛନ୍ତି ଯେ, ବାତ୍ୟା ବିପନ୍ନମାନଙ୍କୁ ଏପର୍ଯ୍ୟନ୍ତ ରିଲିଫ ମିଳିନାହିଁ। ଯଦି କେଉଁଠି କାହାକୁ ମିଳୁଛି ତେବେ ତାଙ୍କୁ ଏଥିଲାଗି ହାତଗୁଞ୍ଜା ଦେବାକୁ ପଡୁଛି। ତାର୍ପୋଲିନ ପାଇ ନ ଥିବାରୁ ଅଧିକାଂଶ ଲୋକେ ଭଙ୍ଗାଘରେ ଜୀବନ ବିତାଇବାକୁ ବାଧ ହେଉଛନ୍ତି। ରାଶନ କାର୍ଡ ପିଛା ୩ହଜାର ଦେବେ ବୋଲି କହି ୧ହଜାର ଟଙ୍କା ଦେଉଛନ୍ତି। ପରିବାର ପିଛା ବୟସ୍କ ବ୍ୟକ୍ତିଙ୍କୁ ଦିନକୁ ୬୦ ଓ ପିଲାଙ୍କୁ ୪୦ ଟଙ୍କା ହିସାବରେ ୧୫ଦିନର ଅର୍ଥ ମିଳିବ ବୋଲି ଘୋଷଣା କରାଯାଇଛି, ମାତ୍ର ତାହା ଦିଆଯାଇନାହିଁ। ରିଲିଫ ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ଓ ପାତରଅନ୍ତର ହେଉଛି। ତୁରନ୍ତ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି କରାଯାଇଛି। ସେହିପରି ଭାଙ୍ଗିଯାଇଥିବା ଘର ଓ ଗୁହାଳର କ୍ଷତିପୂରଣ, ରାଶନକାର୍ଡ ପାଇ ନ ଥିବା ଲୋକଙ୍କୁ ରିଲିଫ, ଧାନ, କପା, ମାଣ୍ଡିଆ ଆଦି ଫସଲ କ୍ଷତିପୂରଣ, ବିଭିନ୍ନ ଫଳଚାଷ ନଷ୍ଟ ଯୋଗୁ କ୍ଷତିପୂରଣ ପ୍ରଦାନ ସମେତ ସୋଲାର ଲାଇଟ ଓ ତାର୍ପୋଲିନ ଯୋଗାଇଦେବାକୁ ଦାବି ହୋଇଛି। ଏନେଇ ଗ୍ରାମସେବକ ରବି ମାନ୍ତ୍ରାଙ୍କୁ ପଚାରିବାରେ କହିଛନ୍ତି, ତାର୍ପୋଲିନଗୁଡ଼ିକୁ ନିଜେ ସରପଞ୍ଚ ରିସିଭ କରି ନେଇଛନ୍ତି ଏବଂ ଉପରଘାଟି ଗ୍ରାମ ପାଇଁ ବାଣ୍ଟିବାକୁ ମଧ୍ୟ ଅର୍ଥରାଶି ନେଇଛନ୍ତି। ରିଲିଫ ପାଇଁ ହିତାଧିକାରୀଙ୍କୁ କେହି ଟଙ୍କା ମାଗିବା ବିଷୟରେ ମୁଁ ଜାଣିନାହିଁ। ପାନୀୟଜଳ ସମସ୍ୟା କଥା ଏବେ ଜାଣିଲି। ଶୁକ୍ରବାରଠାରୁ ଟ୍ୟାଙ୍କର ଦ୍ୱାରା ପାଣି ଯୋଗାଣ ହେବ। ତହସିଲଦାର କଳାକୃଷ୍ଣ ପ୍ରଧାନ କହିଛନ୍ତି, ଅଭିଯୋଗ ପାଇବା ପରେ ତାର୍ପୋଲିନ ବାଣ୍ଟିବାକୁ ପଦକ୍ଷେପ ନିଆଯାଉଛି। ସେହିପରି ଉକ୍ତ ଅଭିଯୋଗ ସଂକ୍ରାନ୍ତରେ ବିଡିଓ ନଟବର ଗରଡାଙ୍କୁ ପଚାରିବାରେ କହିଛନ୍ତି, ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ। ଗୁମ୍ମା ବ୍ଲକରେ ୨୦, ୭୦୦ ପରିବାର ମଧ୍ୟରୁ ଅଦ୍ୟାବଧି ୫ହଜାର ପରିବାରଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପଇଠ କରାଯାଇଛି। କିଛି ଆକାଉଣ୍ଟ ଭୁଲ ଥିବାରୁ ଅଧିକ ସମୟ ଲାଗୁଛି। ଆସନ୍ତା ୩ଦିନ ମଧ୍ୟରେ ସମସ୍ତଙ୍କ ଆକାଉଣ୍ଟରେ ଟଙ୍କା ପଇଠ ହୋଇଯିବ।

## ଜିଲାପାଳଙ୍କୁ ଭେଟିଲେ ୨ ଗାଁ ବାସିନ୍ଦା

ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର.)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ନାମନଗଡ ଓ କୁଜାସିଂ ଗ୍ରାମରେ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ପାଲ ମିଳିନଥିବା ଅଭିଯୋଗ ଆଣି ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେବଳ ୫୦ କେଜି ଚାଉଳ ଓ ୧ହଜାର ଟଙ୍କା ସହାୟତା ବ୍ୟତୀତ ଆଉ କିଛି ଦିଆଯାଇନାହିଁ ବୋଲି ସୁନୀତା କରାଡ, ବିହୁଲା ଲିମ୍ମା, ଅବଳା ଜେନା, ଦୁଖିମା ଲିମ୍ମା, ସୁନୀଲ ବେବର୍ତ୍ତା, ସରୋଜିନୀ କରାଡଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ କହିଛନ୍ତି। ଜିଲାପାଳ ଅନୁପମ ଶାହା ଅଭିଯୋଗ ଶୁଣିବା ପରେ ତୁରନ୍ତ ଗୁମ୍ମା ତହସିଲଦାରଙ୍କୁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରି ପାଲ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର କଳାକୃଷ୍ଣ ପ୍ରଧାନ ଉକ୍ତ ଗ୍ରାମ ପରିଦର୍ଶନ କରିବା ପରେ ନାମନଗଡରେ ୧୧୬୫ଜଣଙ୍କୁ ପାଲ ଯୋଗାଇବାର ଆବଶ୍ୟକତା ଥିବା ଜଣାଇଥିଲେ। ଫଳରେ ୬୨୫ଟି ପାଲ ଯୋଗାଇ ଦିଆଯାଇଛି। ସେହିପରି ୫୦୦ଟି ପାଲ ପଠାଇବାକୁ ବ୍ୟବସ୍ଥା ହୋଇଛି । କୁଜାସିଂ ଗ୍ରାମରେ ୨ହଜାର ପରିବାର ଥିବାବେଳେ ୪୫୦ଟି ପାଲ ପୂର୍ବରୁ ପଠାଯାଇଥିଲା। ସେଥିରୁ କିଛି ବଣ୍ଟାଯାଇ ପାରି ନ ଥିଲା । ଗୁରୁବାର କୁଜାସିଂକୁ ଆହୁରି ୧ହଜାର ପରିବାର ପାଇଁ ପାଲ ପଠାଇବାର ବ୍ୟବସ୍ଥା ହୋଇଛି ବୋଲି ତିତ୍‌ଲି ସୂଚନା କେନ୍ଦ୍ର ଦାୟିତ୍ୱରେ ଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି ।

■ ଆସିପାରିଲାନି ଦମକଳ ଗାଡ଼ି

# ବଡତୁଣ୍ଡି ଗାଁରେ ଜଳିଗଲା ୬ବଖରା

ରାୟଗଡ (ଗଜପତି), ୧।୧୧(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ ସାନତୁଣ୍ଡି ପଞ୍ଚାୟତର ବଡତୁଣ୍ଡି ଗ୍ରାମରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୬ବଖରା ଜଳିଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ଗାଡ଼ି ଆସୁଥିବାବେଳେ ତୁବୁରୁସିଂ ଗ୍ରାମ ନିକଟ ରାସ୍ତାରେ ଦବିଯିବାରୁ ସେଠାରେ ଅଟକି ରହିଥିଲା। ସୂଚନା ଅନୁଯାୟୀ, ବଡତୁଣ୍ଡି ଗ୍ରାମର ଚକାମନ ଶବରଙ୍କ ଘରେ ରୋଷେଇ ହେଉଥିବା ବେଳେ ଚୁଲିରୁ ନିଆଁ ଉଠି ଘର ଚାଳରେ ଲାଗିଯାଇଥିଲା। ପରେ ଅନ୍ୟ ୨ଟି ଘରକୁ ନିଆଁ ବ୍ୟାପି ଯାଇଥିଲା। ଫଳରେ ଚକାମନଙ୍କ ସମେତ ମେନେକା ଜାନୀ ଓ କାଡୁକି ଶବରଙ୍କ ଘରର ମୋଟ ୬ବଖରା ପୋଡ଼ି ପାଉଁଶ ହୋଇଯାଇଛି। ସମସ୍ତ ଆସବାବପତ୍ର ନଷ୍ଟ ହୋଇଥିବା ବେଳେ ଏହି ୩ ପରିବାର ବାସହୀନ ହୋଇପଡ଼ିଛନ୍ତି। ଖବର ପାଇ ଅଗ୍ନିଶମ ଅଧିକାରୀ ପର୍ଶୁରାମ ପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ଗ୍ରାମରେ ପହଞ୍ଚିଥିଲେ। ତେବେ ଦମକଳ ଆସି ନ ପାରିବାରୁ ସେମାନେ ଫସଲ ପାଇଁ ବ୍ୟବହୃତ କୀଟନାଶକ ଔଷଧ ସିଞ୍ଚନ ଯନ୍ତ୍ର ମାଧ୍ୟମରେ ଓ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ରାଜସ୍ୱ ନିରୀକ୍ଷକ ଦୁର୍ଗାପ୍ରସାଦ ଶତପଥି ପହଞ୍ଚି ବିପନ୍ନମାନଙ୍କୁ ପାଲ ଯୋଗାଇ ଦେଇଛନ୍ତି।

## ଓଏସ୍‌ଓୟୁର ଅଧିଗ୍ରହଣ ଉତ୍ସବ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର.)– ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ପରିସରରେ ଗୁରୁବାର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ର ସ୍ନାତକୋତ୍ତର ପାଠ୍ୟକ୍ରମର ଅଧିଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ସଞ୍ଜୟ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଶଙ୍କର ପ୍ରସାଦ ବକ୍ସି ଯୋଗଦେଇ ଜୀବନ ଦର୍ଶନରେ ଉଚ୍ଚଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାଧାପକ ଇନ୍ଦୁଭୂଷଣ ସାହୁ ଯୋଗଦେଇ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିଜର ମତ ରଖିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଷୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଛାତ୍ରସଂଖ୍ୟା ବୃଦ୍ଧି ପାଇଁ ଅଭିଭାବକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । କେନ୍ଦ୍ର ସଂଯୋଜକ ଅଜୟ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ । ରଞ୍ଜିତ କୁମାର ପତି, ଅରୁଣା ସାମଲ, ଭଜମନ ବେହେରା, ସୁନନ୍ଦା ପଟ୍ଟନାୟକ, ରୀନା ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମକୁ ଅଜିତ ପଟ୍ଟନାୟକ, ସୁନୀଲ ପ୍ରଧାନ, ରୂପାଲିନି ବେହେରା ପରିଚାଳନା କରିଥିଲେ ।

# ତିତ୍‌ଲି ପ୍ରଭାବିତ ଦିବ୍ୟାଙ୍ଗଙ୍କୁ ସ୍ୱତନ୍ତ୍ର ସହାୟତା




ଜଣେ ଦିବ୍ୟାଙ୍ଗଙ୍କୁ ସହାୟତା ସାମଗ୍ରୀ ପ୍ରଦାନ କରାଯାଉଛି।

ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର.) ଗଜପତି ଜିଲା ତିତ୍‌ଲି କ୍ଷତିଗ୍ରସ୍ତ ଅଞ୍ଚଳର ଦିବ୍ୟାଙ୍ଗମାନଙ୍କ ପାଇଁ ଭୁବନେଶ୍ୱରର ଆକ୍ସନ୍ ଏଡ୍ ସଂସ୍ଥା ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ସିସିଡି ଅନୁଷ୍ଠାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ତତ୍କାଳ ମାନବିକ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ଏ.ଜଗନ୍ନାଥ ରାଜୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ବାବୁଲାଲ ଗନ୍ତାୟତ ଏବଂ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ରବୀନ୍ଦ୍ରନାଥ ବେହେରା ଯୋଗଦେଇଥିଲେ। ଯେଉଁ ଦିବ୍ୟାଙ୍ଗମାନେ ସ୍ୱାବଲମ୍ବୀ ହେବା ପାଇଁ ମୁଦ୍ରା ଯୋଜନାରେ କିମ୍ବା କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆଗେଇଆସିବେ ସେମାନଙ୍କୁ ବିଭାଗ ଏବଂ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କୁହାଯାଇଥିଲା । ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଓଡିଶା ବିକଳାଙ୍ଗ ମଞ୍ଚର ରାଜ୍ୟ ସଭାପତି ନିରଞ୍ଜନ ବେହେରା ଯୋଗଦେଇ ତିତ୍‌ଲି ବାତ୍ୟା ପ୍ରଭାବରେ ଗଜପତି ଜିଲାରେ ୬୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲେ ହେଁ ଏ ଦିଗରେ ଜିଲା, ରାଜ୍ୟ କିମ୍ବା କେନ୍ଦ୍ର ସରକାର କୌଣସି ସ୍ୱତନ୍ତ୍ର ଦୃଷ୍ଟି ଦେଇନାହାନ୍ତି ବୋଲି କହିଥିଲେ । ଆକ୍ସନ୍ ଏଡ୍‌ର କାର୍ଯ୍ୟକ୍ରମ ଅଧିକାରୀ ବି.ଏନ୍. ଦୁର୍ଗା ତଥା ଅର୍ଥ ଅଧିକାରୀ ଶ୍ୟାମସୁନ୍ଦର ପାଲ ନିଜ ସଂସ୍ଥା ବିଷୟରେ ସୂଚନା ଦେଇଥିଲେ । ଏହି ଅବସରରେ ବାତ୍ୟା ପ୍ରଭାବିତ ୧୩୨ଜଣ ଦିବ୍ୟାଙ୍ଗଙ୍କୁ କମ୍ବଳ ଓ ରାଶନ ସାମଗ୍ରୀ ଇତ୍ୟାଦି ବଣ୍ଟାଯାଇଥିଲା । ଏଥିରେ ପାରଳାଖେମୁଣ୍ଡି, ଗୋଷାଣି ଓ ରାୟଗଡ ଅଞ୍ଚଳର ଦିବ୍ୟାଙ୍ଗମାନେ ଉପସ୍ଥିତ ଥିଲେ।

## କାର୍ଯ୍ୟକ୍ଷମ ହେଲା ୫୦ ଉଠାଜଳସେଚନ ପ୍ରକଳ୍ପ

ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର.)– ଗଜପତି ଜିଲାରେ ଥିବା ୨୮୪ ଉଠାଜଳସେଚନ ପଏଣ୍ଟ ମଧ୍ୟରୁ ୨୪୧ଟି ବାତ୍ୟାରେ ଅକାମୀ ହୋଇପଡିଥିଲା । ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ପାଣି ପଞ୍ଚାୟତ ସଭ୍ୟ ମାନଙ୍କ ସହଯୋଗରେ ପଏଣ୍ଟଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ଜାରି ରହିଛି। ଅଦ୍ୟାବଧି ୫୦ଟି ପଏଣ୍ଟ କାର୍ଯ୍ୟକ୍ଷମ ହୋଇଛି । ଆସନ୍ତା ୧୦ତାରିଖ ସୁଦ୍ଧା ଆଉ ୨୦୦ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି ୨୮୪ଟି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ୧୯୬ କୋଟି ଟଙ୍କା ଆବଶ୍ୟକ। ସରକାର ପ୍ରଥମ ପର୍ଯ୍ୟାୟରେ ୧୫୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୨୮୪ ପ୍ରକଳ୍ପ ଦ୍ୱାରା ୫ହଜାର ୭୬୦ ହେକ୍ଟର ଜମିକୁ ଖରିଫ ଓ ରବି ଋତୁରେ ଫସଲ ପାଇଁ ଜଳ ଯୋଗାଇ ଦିଆଯାଇଥାଏ । ଆସନ୍ତା ରବି ଫସଲ ଆଗରୁ ସମସ୍ତ ପଏଣ୍ଟ କାର୍ଯ୍ୟକ୍ଷମ କରାଯିବ। ସେହିପରି ପ୍ରକଳ୍ପ କାର୍ଯ୍ୟକ୍ଷମ ପରେ ସାଉଥକୋ ପକ୍ଷରୁ ବିଦ୍ୟୁତ ଯୋଗାଇ ଦିଆଯିବ । ଜିଲାପାଳ ଅନୁପମ ଶାହାଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାହୀ ଯନ୍ତ୍ରୀ ଭାସ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲିଛି।

■ବାତ୍ୟାରେ ୬୦୯୪ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ

# କ୍ଷତିପୂରଣ ପାଇଁ ୧୦୫୨ ହିତାଧିକାରୀ ଚିହ୍ନଟ

ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର)

ବାତ୍ୟାରେ ଗଜପତି ଜିଲାରେ ୩୯୦ଟି ବଡ ଗୃହପାଳିତ ପ୍ରାଣୀ ପ୍ରାଣ ହରାଇଥିବାବେଳେ ୨୧୯୭ଟି ଛୋଟ ଗୃହପାଳିତ ପ୍ରାଣୀ ଏବଂ ୩୫୦୨ଟି କୁକୁଡା ମୃତ୍ୟୁବରଣ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କ ମୃତଦେହକୁ ପୋଡି ନଷ୍ଟ କରିବା ପାଇଁ ପ୍ରଶାସନ ତରଫରୁ ୧୦ଟି ଟିମ୍ ଗଠନ କରାଯାଇଥିଲା । ଏହି ପଶୁପକ୍ଷୀଙ୍କୁ ପାଳୁଥିବା ୧୦୫୨ଜଣ ହିତାଧିକାରୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦେବା ଆରମ୍ଭ ହୋଇଛି । ରାୟଗଡ ବ୍ଲକରେ ୭୫୪ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ବଡ ଗୃହପାଳିତ ପ୍ରାଣୀଙ୍କ ପାଇଁ ୩୦ହଜାର ଟଙ୍କା, ଛୋଟ ଗୃହପାଳିତ ପ୍ରାଣୀଙ୍କ ପାଇଁ ୩ହଜାର ଟଙ୍କା ଏବଂ କୁକୁଡା ପାଇଁ ୫୦ଟଙ୍କା କ୍ଷତିପୂରଣ ନିର୍ଦ୍ଧାରିତ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୫୫ ହିତାଧିକାରୀଙ୍କୁ ୨୯ଲକ୍ଷ ୨୦ହଜାର ଟଙ୍କା ବଣ୍ଟାଯାଇଛି । ଯେଉଁମାନେ ଗୃହପାଳିତ ପ୍ରାଣୀ ଓ ପକ୍ଷୀ ରଖିଛନ୍ତି ସେମାନଙ୍କୁ ୩୯୬ ମେଟ୍ରିକ୍ ଟନ୍ ଖାଦ୍ୟ ଯୋଗାଇ ଦିଆଯାଇଛି । ସେହିପରି ପଶୁପକ୍ଷୀଙ୍କ ଚିକିତ୍ସା ଓ ସଂକ୍ରମଣ ରୋଗରୁ ରକ୍ଷା ପାଇଁ ୩୨ଟି ଟିମ୍ ଦ୍ୱାରା ୭୧୬ଟି ପ୍ରାଣୀ ଚିକିତ୍ସା ଶିବିର କରାଯାଇଛି। ଏଥିରେ ୫୩ହଜାର ୫୯୪ ପଶୁପକ୍ଷୀଙ୍କୁ ଚିକିତ୍ସା କରାଯାଇଛି । ଜିଲାର ୧୦ଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ଥିବାବେଳେ ବାହାରୁ ୨୨ଟି ଟିମ୍ ଆସିଥିଲେ। ସଂକ୍ରମଣ ରୋଗରୁ ରକ୍ଷା କରିବା ପାଇଁ ୬୬ହଜାର ୪୫୦ଟି ପ୍ରାଣୀଙ୍କୁ ପ୍ରତିଷେଧକ ଟିକା ଦିଆଯାଇଛି । ଜିଲା ପ୍ରାଣୀ ଚିକିତ୍ସାଧିକାରୀ କିଶୋର ଚନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଚାଲିଛି।

# ପାଠପଢା ସମୟରେ ଆବର୍ଜନା ସଫେଇ

ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର.)–

ପ୍ରତି ପିଲାଙ୍କୁ ପ୍ରାଥମିକ ଶିକ୍ଷା ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ନାନା ପଦକ୍ଷେପ ନେଉଛନ୍ତି। ମାତ୍ର ପ୍ରଶାସନିକ ଉଦାସୀନତା ଯୋଗୁ ସେଗୁଡ଼ିକର ସଫଳ ରୂପାୟନ ହୋଇପାରୁନାହିଁ। ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ମହେନ୍ଦ୍ରଗିରି ପୌର ଉଚ୍ଚ ବିଦ୍ୟାଳୟ ନିକଟରେ ବୁଧବାର ସକାଳ ପ୍ରାୟ ୯.୩୦ ମିନିଟ ସମୟରେ କୁନି କୁନି ଛାତ୍ରୀମାନେ ଆବର୍ଜନା ସଫେଇ କରୁଥିବା ଦେଖିବାକୁ ମିଳିଥିଲା। ଏହି ପିଲାମାନେ ଘରୁ ପାଠ ପଢିବା ଉଦ୍ଦେଶ୍ୟରେ ବିଦ୍ୟାଳୟକୁ ଆସିଥିବାବେଳେ ସେମାନଙ୍କୁ ଶିକ୍ଷକ ନା ଅଉ କେହି ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ ତାହା ପ୍ରଶ୍ନବାଚୀ ହୋଇଛି ।



ଛାତ୍ରୀମାନେ ଆବର୍ଜନା ଗୋଟାଇ ନେଉଛନ୍ତି ।

# ଲୁକ୍କାୟିତ ଶିଶୁ ପ୍ରତିଭା ଲୋକଲୋଚନକୁ ଆଣୁଛି 'ସୁରଭି'




ରାୟଗଡଠାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।




କାଶୀନଗରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ରାୟଗଡ (ଗଜପତି)/କାଶୀନଗର, ୧।୧୧(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ବ୍ଲକ ସଦରସ୍ଥ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ 'ସୁରଭି' ମାଧ୍ୟମରେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିପାରୁଛି ବୋଲି କହିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏସ୍. ପାପାରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବୁରୁଜାଙ୍ଗ ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ମନୋଜ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ପ୍ରେମାନନ୍ଦ ପଟ୍ଟନାୟକ, ଶିକ୍ଷକ ସହଦେବ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବ୍ଲକର ୧୨ଟି କ୍ଲଷ୍ଟରରୁ ପ୍ରାୟ ୨୬୦ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ହସ୍ତାକ୍ଷର, ସଙ୍ଗୀତ, ଚିତ୍ରକଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅମୂଲ୍ୟ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ସୁଦର୍ଶନ ଜେନା ଧନ୍ୟବାଦ ଦେଇଥିଲେ। ସେହିପରି କାଶୀନଗର ଗୋଷ୍ଠୀ ସାଧନ କେନ୍ଦ୍ର ପରିସରରେ କ୍ଲଷ୍ଟରସ୍ତରୀୟ 'ସୁରଭି' ଆୟୋଜିତ ହୋଇଯାଇଛି । ବାତ୍ୟାରେ ପ୍ରାଣ ହରାଇଥିବା ଜିଲାର ୧୭ଜଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜାମାନା କାରେୟା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜି.କିଶୋର କୁମାର, ମୀନା କୁମାରୀ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ସୁରଭି ଲୋକଲୋଚନକୁ ଆଣିପାରୁଛି ବୋଲି କହିଥିଲେ। ୩ଶହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ବକ୍ତୃତା, ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆର.ମଧୁକୁମାର, ବି. ମୃତ୍ୟୁଞ୍ଜୟ, ଏମ. ଶ୍ରୀନିବାସରାଓ, କାଳିପ୍ରସାଦ ବିହାରୀ, ଦେବରାଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ବି.ଗୋପାଳ ରାଓ ପରିଚାଳନା କରିଥିଲେ ।



ଦୁର୍ଗତମାନଙ୍କ ପ୍ରତି ସହାନୁଭୂତି ସମ୍ପନ ହୋଇ ସାହାଯ୍ୟ ପ୍ରାର୍ଥନା କଲେ ସାହାଯ୍ୟ ମିଳିବ ହିଁ ମିଳିବ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ହଟାଯିବ ବେନିୟମ ଭାବେ ଲାଗିଥିବା ହୋଡିଂ: ପୌର ପରିଷଦ

**ଜୟପୁର ୧।୧୧(ନି.ପ୍ର.):** ଜୟପୁର ପୌରାଞ୍ଚଳରେ ଲାଗିଥିବା ବେନିୟମ ହୋଡିଙ୍ଗ ହଟିବ ବୋଲି ପୌର ପରିଷଦ ସୂଚନା ଦେଇଛି। ଜୟପୁର ରାଷ୍ଟ୍ରିୟ ରାଜ ମାର୍ଗ କଡରେ ବେଆଇନଭାବେ ଯେଉଁ ବିଜ୍ଞାପନ ସଂସ୍ଥା/ ପ୍ରତିଷ୍ଠାନ ବିଜ୍ଞାପିନ ଫଳକ ମାରିଛନ୍ତି ତାହାକୁ ହଟାଯିବ। ୭ଦିନ ଭିତରେ ସମ୍ପୃକ୍ତ ସଂସ୍ଥା କିମ୍ବା ପ୍ରତିଷ୍ଠାନ ବିଜ୍ଞାପନ ନ ହଟାଇଲେ ହାଇକୋର୍ଟଙ୍କ ଆଦେଶ ତଥା ଓଡିଶା ଆଉଟ୍‌ଡୋର ଆଡଭଟାଇଜ୍‌ମେଣ୍ଟ ଏଣ୍ଡ ଗାଇଡିଂ ପଲିସି ୨୦୧୫ରେ ସମସ୍ତ ହୋଡିଙ୍ଗକୁ ଉଚ୍ଛେଦ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହି ଅଧିକାରି ସଞ୍ଜୟ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

### ଗୀତା ପ୍ରବଚନ, ବେଦାନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଦାମନଯୋଡି, ୧।୧୧(ଡି.ଏନ୍.ଏ.):** କୋରାପୁଟ ଜିଲା ନାଲ୍‌କୋ ଦାମନଯୋଡି ଶିଳ୍ପାଞ୍ଚଳ ସେକ୍ଟର-୧ ଶ୍ରୀ ଜଗନ୍ନାଥ ମନ୍ଦିର ପାଠାଗାର ପ୍ରାଙ୍ଗଣରେ ଗୁରୁବାରଠାରୁ ୧୧ ଦିନ ଧରି ଗୀତା ପ୍ରବଚନ ଓ ବେଦାନ୍ତ ପ୍ରଶିକ୍ଷଣ ଆଧାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଚାର୍ଯ୍ୟ ସ୍ୱାମୀ ତନିଷ୍ଠା ନନ୍ଦ ସରସ୍ୱତୀ ଆଧାତ୍ମିକ ପ୍ରବଚନ କରୁଛନ୍ତି। ବିଏନ୍ ମହାରଣା, ଆର୍‌ଏନ୍ ସୁବୁଦ୍ଧି, ନରେନ୍ଦ୍ର ନାଥ, ଆଚାର୍ଯ୍ୟ ପିତବାସ ନାୟକ, ବିଶ୍ୱ ରଞ୍ଜନ ପାଢ଼ି, ପ୍ରମୋଦ ପାତ୍ର, ବି.ସି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ଜିଜ୍ଞାସୁ ଏଥିରେ ଉପସ୍ଥିତ ଥିଲେ।

### ଉତ୍କଳ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ

**ଦାମନଯୋଡି, ୧।୧୧(ଡି.ଏନ୍.ଏ.):** ମାଥିଲିପୁଟସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପକ୍ଷରୁ ଏହାର ଷଷ୍ଠତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୨୦୧୩ ନଭେମ୍ବର ୧ରେ ଉତ୍କଳ ଗ୍ରାମ୍ୟବ୍ୟାଙ୍କ ଓ ଋଷିକୂଲ୍ୟା ଗ୍ରାମ୍ୟ ବ୍ୟାଙ୍କ ଅନୁବନ୍ଧିତ ହେବା ପରେ ଏହାକୁ ଗ୍ରାମୀଣ ବ୍ୟାଙ୍କ କରାଯାଇଥିଲା। ସରକାରୀ ଯୋଜନା ଏବଂ ମହିଳା ସଶକ୍ତିକରଣ କରାଇବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ମାଥଲପୁଟ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ଜୟଶ୍ରୀ ବେହେରା କରିଛନ୍ତି। ବ୍ୟାଙ୍କ ଉପପ୍ରବନ୍ଧକ ଅମୀତ କୁମାର ଦାଶ, କ୍ୟାସିଅର ନୃସିଂହ ପ୍ରସାଦ ରଥ, ଐଶ୍ୱର୍ଯ୍ୟା ତ୍ରିପାଠୀ, ଶୁକ୍ରା ତାଡିଙ୍ଗଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଗ୍ରାହକମାନେ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ବୈପାରୀଗୁଡା, ୧।୧୧(ଡି.ଏନ୍.ଏ.):** ଶହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଦୌଡ ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ବୈଠକରେ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଗୁପ୍ତା ମୁଖ୍ୟ ଅତିଥି, ତହସିଲଦାର ଜ୍ୟୋତିପ୍ରକାଶ ସେଠୀ, ଥାନାଧିକାରୀ ଅମିତାଭ ଦାସ, ମହାବିଦ୍ୟାଳୟ ଅଧକ୍ଷା ସ୍ନେହଲତା ପଟ୍ଟନାୟକଙ୍କ ସମେତ ସମସ୍ତ ଅଧାପିକା ଅଧାପକ ରାଷ୍ଟ୍ରୀୟ ଏକତାର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ରାଷ୍ଟ୍ରୀୟ ଏକତାକୁ ବଜାୟ ରଖିବାକୁ ସଭାସ୍ଥଳରେ ସମସ୍ତେ ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ପି. ଶତୀଷ କୁମାର ଓ ଲୁଷି ବେହେରା ପରିଚାଳନା କରିଥିଲେ।

### ଫଟୋ ଖବରଦାତାଙ୍କ ପାଇଁ ଶୋକସଭା

**ଦାମନଯୋଡି, ୧।୧୧(ଡି.ଏନ୍.ଏ.):** ଖବର ସଂଗ୍ରହ କରିବାକୁ ଯାଇ ମାଓବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଦୂରଦର୍ଶନ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦାମନଯୋଡି ମିଡିଆ ହାଉସ୍ ପକ୍ଷରୁ ଏକ ଶୋକସଭା ପାଳିତ ହୋଇଛି। ମାଓବାଦୀ ପ୍ରବଣ ଅବିଭକ୍ତ କୋରାପୁଟ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ, ଘଟଣାବଳୀ ଏବଂ ଲୋକମାନଙ୍କ ସମସ୍ୟା ପାଇଁ କାର୍ଯ୍ୟରତ ଖବରଦାତାମାନେ ଖବର ସଂଗ୍ରହ ପାଇଁ ଯାଉଥିବା ବେଳେ ସେମାନଙ୍କ ସୁରକ୍ଷା ପ୍ରତି ସରକାର ଯତ୍ନବାନ ହେବା ଆବଶ୍ୟକ ବୋଲି ସଭାରେ ମତ ପ୍ରକାଶ ପାଇଛି। ମାଓବାଦୀଙ୍କ ଏହି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ବୋଲି ଉପସ୍ଥିତ ଲୋକେ କହିଥିଲେ। ଏଥିରେ ଦାମନଯୋଡି ମିଡିଆ ହାଉସ୍ କର୍ମକର୍ତ୍ତାଙ୍କ ସହ ଅଞ୍ଚଳର ସମସ୍ତ ଖବରଦାତାମାନେ ଉପସ୍ଥିତ ଥିଲେ।

■ ବାଡଉଁଶପୁଟ ଆଶ୍ରମ ବିଦ୍ୟାଳୟ

# ରାତ୍ର ଜଗୁଆଳିଙ୍କ ହାତରେ ଛାତ୍ରୀଛାତ୍ରଙ୍କ ଜୀବନ

**କୋରାପୁଟ/ନାରାୟଣପାଟଣା, ୧।୧୧ (ସ୍ୱ.ପ୍ର/ଡି.ଏନ୍.ଏ.)**

ପିଲାମାନଙ୍କ ପ୍ରାଥମିକ ଶିକ୍ଷା ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି ସତ ମାତ୍ର ସେ ସବୁ ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। କେଉଁଠି ଶ୍ରେଣୀ ଗୃହର ଅଭାବ ରହୁଛି ତ କେଉଁଠି ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ବାଡଉଁଶପୁଟ ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ୩ଟି କ୍ଲାସ ରୁମ୍ ରହିଛି। ସେହିଭଳି ହଷ୍ଟେଲରେ ରହୁଥିବା ଶତାଧିକ ଛାତ୍ରୀଛାତ୍ରଙ୍କ ଜୀବନ ଏବେ ରାତ୍ର ଜଗୁଆଳୀଙ୍କ ହାତରେ। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ଏନେଇ ବାରମ୍ବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଏଯାବତ୍ ସମସ୍ୟାର ସମାଧାନ ହୋଇ ପାରିନାହିଁ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି।



■ ୮ କ୍ଲାସ ପାଇଁ ୩ ଟି ଶ୍ରେଣୀଗୃହ

■ ୧୯୪ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି ୬ ଶିକ୍ଷକ

ପ୍ରକାଶ ଯେ, ବାଡଉଁଶପୁଟ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୧୯୪ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ରହିଛି ମାତ୍ର ୩ଟି ଶ୍ରେଣୀଗୃହ। କ୍ଲାସ ରୁମ୍ ଅଭାବ ଯୋଗୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାରଣ୍ଡାରେ ପାଠ ପଢିଥାନ୍ତି। ସେହିଭଳି ୮ ଟି କ୍ଲାସ ପାଇଁ ଅଛନ୍ତି ମାତ୍ର ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ। ଏହାଛଡା ୬ ମାସରୁ ଉର୍ଦ୍ଧ୍ୱ ହେବ ସ୍କୁଲର ମୁଖ୍ୟ ଫାଟକ ନାହିଁ। ରାତ୍ରିରେ ସ୍ଥାନୀୟ ଜଙ୍ଗଲରୁ ବନ୍ୟପ୍ରାଣୀ ବିଦ୍ୟାଳୟ ମଧ୍ୟକୁ ପଶି ଆସୁଥିବାରୁ ପିଲାମାନେ ଭୟରେ ରହୁଛନ୍ତି। ବିଦ୍ୟାଳୟର ଛୁଟି ଦିନ ଓ ରାତ୍ର ସମୟରେ ଛାତ୍ରୀଛାତ୍ରଙ୍କ ନିକଟରେ କୌଣସି ଶିକ୍ଷକ ରହୁ ନାହାନ୍ତି। ଯଦ୍ୱାରା ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ପ୍ରଧାନ ଶିକ୍ଷକ ନିଳମଣୀ ସାହୁଙ୍କ ପଚାରିବାରୁ ବିଦ୍ୟାଳୟରେ ସବୁଦିନ ରାତ୍ରରେ ରହିବା ସମ୍ଭବ ହେଉନି, ତେଣୁ କେବେ କେବେ ରାତ୍ର ଜଗୁଆଳୀଙ୍କୁ ଛାଡି ଯିବାକୁ ପଡୁଛି ବୋଲି ସେ କହିଛନ୍ତି। ବିଦ୍ୟାଳୟର ଗେଟ ସମ୍ପର୍କରେ ପଚାରିବାରେ ଏ ନେଇ ବାରମ୍ବାର ଉପରିସ୍ଥ ଅଧିକାରୀମାନଙ୍କୁ ସେ ଜଣାଇଥିବା କହିଛନ୍ତି। କିନ୍ତୁ ଦୁଃଖର ବିଷୟ ସେହି ଅସୁବିଧା ବର୍ତ୍ତମାନ ଯାଏ ଦୂର ହୋଇ ନ ଥିବା ସେ ପ୍ରକାଶ କହିଛନ୍ତି। ଅପରପକ୍ଷେ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଅବିଭାବକମାନେ ଆଶଙ୍କା ମଧ୍ୟରେ ରହିଛନ୍ତି।



ଜଣେ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯାଉଛି।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ

**ଲକ୍ଷ୍ମୀପୁର,୧।୧୧**

ଲକ୍ଷ୍ମୀପୁର ବ୍ଲକ୍ ଏସ୍‌ଏଚ୍‌ଜି କକ୍ଷରେ ନିର୍ମାଣ ଶ୍ରମିକଙ୍କ ପାଇଁ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଏମ୍‌ପି ଝିନ୍ନ ହିକ୍‌କା, ସମ୍ମାନିତ ଭାବେ ବିଧାୟକ କୈଳାସ କୁଲେସିକା ଯୋଗଦେଇ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେସିକା, ବିଡିଓ ବେଣୁଧର ଶବର, ତହସିଲଦାର ଆଇଜାକ୍ ମୋଦିନା, ଏସ୍‌ଡିପିଓ ତପନ ନାରାୟଣ ରଥ, ଜିଲା ମଙ୍ଗଳ ସଂଯୋଜକ ଏ. ହରିପ୍ରସାଦ, ଗ୍ରାମୀଣ ଶ୍ରମ ନୀରିକ୍ଷକ ପଦ୍ମଚରଣ ପଣ୍ଡା ଏବଂ ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡ଼ଙ୍ଗ୍ରି ପ୍ରମୁଖ ଉପସ୍ଥିତ ରହି ନିର୍ମାଣ ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନାରେ ସହାୟତା ରାଶି ପ୍ରଦାନର ନିୟମାବଳୀ ଉପରେ ଆଲୋଚନା କରିଥିଲେ। ଏଠାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଇଛି। ମୃତ୍ୟୁ ସହାୟତା ରାଶି ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଦୁଇ ଜଣ ହିତାଧିକାରୀଙ୍କୁ, ବିବାହ ସହାୟତା ରାଶି ଜଣେ ହିତାଧିକାରୀଙ୍କୁ, ଶିକ୍ଷା ସହାୟତା ରାଶି ୧୨୮ ଜଣ ହିତାଧିକାରୀଙ୍କୁ ଏବଂ ବାଇସାଇକେଲ ସହାୟତା ୨ଶହ ଜଣ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ୬୩ ଜଣ ନୂତନ ହିତାଧିକାରୀଙ୍କୁ ପଞ୍ଜୀକରଣ କରାଯାଇଛି।

## ଆଦିବାସୀ ସଂସ୍କୃତି, ପରମ୍ପରାର ମିଳନ ପରବ



ସୁବାଇଠାରେ ଅନୁଷ୍ଠିତ 'ପରବ'ରେ ବିଧାୟକ ଓ କଳାକାରମାନେ ଢେମ୍‌ସା ନୃତ୍ୟ କରୁଛନ୍ତି।

**ସେମିଳିଗୁଡା, ୧।୧୧(ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ସୁବାଇଠାରେ ୫ଟି ପଞ୍ଚାୟତକୁ ନେଇ 'ପରବ' ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ପଟ୍ଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ଉପସ୍ଥିତ ଥିଲେ। ପରବ ଦ୍ୱାରା ଆଦିବାସୀଙ୍କ ଭାଷା, ସଂସ୍କୃତି, ପରମ୍ପରା ଲୋକ ଲୋଚନକୁ ଆସୁଛି ବୋଲି ସେ କହିଛନ୍ତି। ଆଦିବାସୀ ସଂଠସ୍କତି, କଳା ଓ ପରମ୍ପରାର ଅପୂର୍ବ ମିଳନକୁ 'ପରବ' କୁହାଯାଏ ବୋଲି ବିଡିଓ ତ୍ରିନାଥ ମାଝି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସେମିଳିଗୁଡା ବ୍ଲକ ଚେୟାରମ୍ୟାନ ଦିନେଶ ଖରା, ଭାଇସ୍ ଚେୟାରମ୍ୟାନ ବାସନ୍ତୀ ବେଦନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରବରେ ୫ ପଞ୍ଚାୟତର ଶତାଧିକ ଲୋକେ ଉପସ୍ଥିତ ଥିଲେ। ପଟାଙ୍ଗୀ ବିଧାୟକ ପାରମ୍ପରିକ ଢେମସା ନୃତ୍ୟରେ ସାମିଲ ହୋଇଥିଲେ।

## କ୍ୟାନ୍‌ସର ପରାମର୍ଶ ଶିବିର

**କୋରାପୁଟ,୧।୧୧(ସ୍ୱ.ପ୍ର.)**

କୋରାପୁଟ ମେଡିକାଲ କଲେଜ ପରିସରରେ ଦିନିକିଆ କ୍ୟାନ୍‌ସର ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇର ବରିଷ୍ଠ କ୍ୟାନ୍‌ସର ବିଶେଷଜ୍ଞ ଡାକ୍ତର ଦିନେଶ ପେନ୍ଧାକର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କୋରାପୁଟ ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଲିଆଙ୍କ ପରାମର୍ଶକ୍ରମେ କୋଟପାଡ ବ୍ଲକର ଗିର୍ଲା ପଞ୍ଚାୟତ ଧନପୁର ଗ୍ରାମର କମଳ ଲୋଚନ ପୂଜାରୀଙ୍କ ପୁଅ ଦେବେନ୍ଦ୍ର(୧୦)ଙ୍କ ବାମ ଆଖିରେ ମାଂସ ପିଣ୍ଡୁଳା ବଢୁଥିବାରୁ ତାଙ୍କୁ ଏଠାକୁ ଅଣାଯାଇଥିଲା। ପ୍ରକାଶ ଯେ, ଦେବେନ୍ଦ୍ରଙ୍କ ଆଖି ସମ୍ପର୍କରେ କିଛି ଦିନ ତଳେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଜିଲାପାଳ ଅନୁଗୁଳିଆ ଶିଶୁଟିକୁ ଶିବିରକୁ ଆଣି ବିଶେଷଜ୍ଞଙ୍କ ପରାମର୍ଶ ଲୋଡିଥିଲେ। ଡାକ୍ତର ପେନ୍ଧାକର ଦେବେନ୍ଦ୍ରଙ୍କୁ ଦେଖି କଟକସ୍ଥିତ ଆଚାର୍ଯ୍ୟ ହରିହର ଅନୁଷ୍ଠାନକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତର ନିରଞ୍ଜନ ଦାସ, ଡାକ୍ତର ଏସ୍ ମିଶ୍ର, ଡାକ୍ତର ଏକେ ପୃଷ୍ଟି ଶିବିରକୁ ଆସିଥିବା ୭୯ ଜଣ ରୋଗୀଙ୍କୁ ପରାମର୍ଶ ଦେଇଥିଲେ। କୋରାପୁଟ ମେଡିକାଲ କଲେଜର ଶ୍ୟାମ ସୁନ୍ଦର ବିଶ୍ୱାଳ, ଲଲାଟେନ୍ଦୁ ମିଶ୍ର, ଚିନ୍ମୟ ବେହେରା, ଏନ୍. ସ୍ମିତାରେଖା, ସରୋଜ ପାଣିଗ୍ରାହୀ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

■ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା

## ଆରଏମସିକୁ ୮ ଲକ୍ଷ ଟଙ୍କା କ୍ଷତି ଅଭିଯୋଗ

**କୋରାପୁଟ,୧।୧୧(ସ୍ୱ.ପ୍ର.)**

କୋରାପୁଟ ନିୟନ୍ତ୍ରିତ ବଜାର କମିଟି ଜଣେ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବାରୁ ଆରଏମ୍‌ସିକୁ ୮ ଲକ୍ଷ ଟଙ୍କା କ୍ଷତି ହୋଇଥିବା ଉପାଧକ୍ଷ କର୍ପୁର ହନ୍ତାଳ ପ୍ରକାଶ କରିଛନ୍ତି। ସେମିଳିଗୁଡ଼ାଠାରେ ଥିବା ପୁରୁଣା କୃଷକ ବଜାରକୁ ଭାଙ୍ଗି ସେଠାରେ ୧ କୋଟି ୮୬ ଲକ୍ଷ ୨ ହଜାର ୯୫୪ ଟଙ୍କା ବ୍ୟୟରେ ୮୦ ଟି ଷ୍ଟଲ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଗତ ୨୦୧୭ ମସିହା ଏପ୍ରିଲ ମାସରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ଡ଼ିସେମ୍ବର-୨୦୧୭ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଜଣେ ଠିକାଦାରଙ୍କ ସହ ଚୁକ୍ତି ହୋଇଥିଲା। କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହେବାରୁ ଇଓଟି କମିଟି ଅନୁମତି ଦେଇ ନ ଥିବାବେଳେ ଏବେ କିପରି କାର୍ଯ୍ୟ କରାଯାଉଛି ବୋଲି ଉପାଧକ୍ଷ ହନ୍ତାଳ ଅଭିଯୋଗ କରିବା ସହିତ ଏହାର ତଦନ୍ତ କରିବାକୁ ଦାବି କରିଥିଲେ। ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟଶେଷ ହୋଇଥାନ୍ତା, ତେବେ ଘରଭଡ଼ା ବାବଦରେ ଆରଏମ୍‌ସି ୮ ଲକ୍ଷ ପାଇଥାନ୍ତା। କିନ୍ତୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ନ ହେବାରୁ ଆରଏମ୍‌ସିର କ୍ଷତି ହୋଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଶ୍ରମିକ ମିଳିବାରେ ଅସୁବିଧା ହେଉଥିବାରୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିବା ଭାରପ୍ରାପ୍ତ ସମ୍ପାଦକ ତଥା ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ ପ୍ରକାଶ କରିବା ସହିତ କାର୍ଯ୍ୟକୁ ତୁରନ୍ତ ଶେଷ କରିବା କମିଟିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିଘଟଣାର ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

## ଆର୍‌ଟିଆଇ ସମ୍ପର୍କରେ ଅଧିକ ସଚେତନତା ଲୋଡ଼ା

**କୋରାପୁଟ,୧।୧୧(ସ୍ୱ.ପ୍ର)**

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ପରିସରରେ ଜିଲା ସୂଚନା ଅଧିକାର ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଛି। ସୂଚନା ଅଧିକାର ଆଇନ (ଆରଟିଆଇ) ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। ଅଗ୍ରଗାମୀ ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ଏହି ବୈଠକରେ ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି, ଜିଲା ସମାଜ ମଙ୍ଗଳ ଅଧିକାରୀ ଉର୍ମିଳା ସିଂ, ଜିଲା ସୂଚନା ଅଧିକାର ମଞ୍ଚ ସହ ସମ୍ପାଦକ ସୁନାଦେଇ ସାଉଁନ୍ତା, ଅଗ୍ରଗାମୀ ନିର୍ଦ୍ଦେଶକ ଅଚ୍ୟୁତ ଦାସ ପ୍ରମୁଖ ଯୋଗଦେଇ ଜିଲା ସୂଚନା ଅଧିକାର ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଅଧିକାର ମଞ୍ଚ ସଭାପତି ଗୁପ୍ତେଶ୍ୱର ପାଣିଗ୍ରାହୀ, ସୂଚନା ଅଧିକାର କର୍ମୀ ରାଜେନ୍ଦ୍ର ଚେଟ୍ଟି, ଦୀପଲାଲ ପରଜା, ଜିଲା ସଂଯୋଜକ ଅତୁଲ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## କଂଗ୍ରେସର 'ମୋ ବୁଥ, ମୋ ଗୌରବ' କାର୍ଯ୍ୟକ୍ରମ

**କୋରାପୁଟ/ନାରାୟଣପାଟଣା, ୧।୧୧(ସ୍ୱ.ପ୍ର/ଡି.ଏନ୍.ଏ.)**

ନାରାୟଣପାଟଣା ବ୍ଲକରେ ଗୁରବାର କଂଗ୍ରେସର 'ମୋ ବୁଥ' ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିସିସି ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ପୁର୍ବତନ ଏମ୍‌ପି ପ୍ରଦୀପ ମାଝି, ପିସିସି ଜୋନାଲ ସମ୍ପାଦକ ସରୋଜ ପାତ୍ର, ଲକ୍ଷ୍ମୀପୁର ବିଧାୟକ କୈଳାସ କୁଲେସିକା, ପିସିସି ସାଧାରଣ ସଂପାଦକ ଅଜିତ ଦାସ, ଜିଲା କାର୍ଯ୍ୟକାରୀ ସଭାପତି ରୂପକ କୁମାର ତୁରୁକ, ବିଧାୟକ ପ୍ରତିନିଧି ଦୟାନିଧି ପ୍ରଧାନ, ବ୍ଲକ ଉପସଭାପତି ପି.ଜନାର୍ଦ୍ଦନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଓ ଦଳୀୟ କର୍ମୀମାନେ ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ନାରାୟଣପାଟଣା ସଦର ମହକୁମା ପରିକ୍ରମା କରି ଶେଷରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ପହଞ୍ଚିଥିଲେ। ପରେ ସେଠାରେ ଆୟୋଜିତ ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମରେ ଯୋଗଦେଇ ଆଗାମୀ ନିର୍ବାଚନରେ କଂଗ୍ରେସକୁ ଭୋଟ ଦେବା ପାଇଁ ଲୋକଙ୍କୁ କହିଥିଲେ। କଂଗ୍ରେସ ଆସିଲେ ଗାଁ ଗାଁରେ ବିକାଶ ହେବ ବୋଲି ଅତିଥିମାନେ କହିଛନ୍ତି।

## ଭାଜପାର ଭିଜିଲାନ୍ସ କାର୍ଯ୍ୟାଳୟ ଘେରାଉ

**ଜୟପୁର,୧।୧୧(ଡି.ଏନ.ଏ/ନି.ପ୍ର.)**

ଜୟପୁର ପୌରସଂସ୍ଥାରେ ବ୍ୟାପକ ଦୁର୍ନୀତି ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଜୟପୁର ନଗର ଭାଜପା ଦାବି କରିଛି। ଗୁରୁବାର ଭାଜପା ପକ୍ଷରୁ ପାରବେଢା ଦଳୀୟ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ଭିଜିଲାନ୍ସ ଏସ.ପି କାର୍ଯ୍ୟାଳୟଠାରେ ପହଞ୍ଚି ଘେରାଉ କରିବା ସହିତ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଡିଏସପି ହେନେରୀ କୁଲୁଙ୍କୁ ପ୍ରଦାନ କରାଯାଇଛି। ଭାଜପା ପକ୍ଷରୁ ଦେବେନ୍ଦ୍ର ବାହିନୀପତି, ଅମରଲାଲ ଆହୂଜା, ଅନୁପ ପାତ୍ର, ବିଜୟ ରାୟଜେନା ଦେଓ, ସାଧୁ ଦାଶ ଚୌଧୁରୀ, ଶୁଭେନ୍ଦୁ ବ୍ରହ୍ମା, ଏ. ଦୁର୍ଗା ପ୍ରସାଦ, ସୁଜିତ ପାଣି, ସହଦେବ ଦୁର୍ଗା, ମଧୁ ହିଆଲ, ମୋହନ ମାଝି, ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ତବରେଜ ସେକ, ଚନ୍ଦ୍ର ଶେଖର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା କର୍ମୀମାନେ ଭିଜିଲାନ୍ସ ଅଫିସ ଘେରାଉ କରିଛନ୍ତି।

## କଟା ହେଉନି ଶୁଖିଲା ଗଛ: ବିପଦ ଆଶଙ୍କା

**କୋରାପୁଟ,୧।୧୧(ସ୍ୱ.ପ୍ର.)**

କୋରାପୁଟ ସହର ମଧ୍ୟ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଦୀର୍ଘଦିନ ଧରି ରହିଥିବା ଶୁଖିଲା ଗଛ ବର୍ତ୍ତମାନ ଯାତ୍ରୀଙ୍କ ପାଇଁ ବିପଦର କାରଣ ହୋଇଛି। ଗଛଗୁଡ଼ିକୁ କାଟିବା ନେଇ ଜିଲା ପ୍ରଶାସନ ପକ୍ଷରୁ କୋରାପୁଟ ପୌରସଂସ୍ଥା ଓ କୋରାପୁଟ ବନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଅଧିକାରୀମାନଙ୍କ ଅଣଦେଖା ଯୋଗୁଁ ପଥିକମାନଙ୍କ ପାଇଁ ବିପଦର କାରଣ ହୋଇଛି। ଅନ୍ୟପକ୍ଷେ ଜିଲା ପ୍ରଶାସନ ପକ୍ଷରୁ କର୍ତ୍ତବ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ଉପରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

ସୂଚନା ଥାଉ କି, କୋରାପୁଟ ସହର ମଧ୍ୟଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଗଛ ଶୁଖିଯାଇଛି। ସହରର ଭବାନୀ ନଗରଠାରେ ଏକ ବିରାଟ ମହା ନିମ୍ବଗଛ ପ୍ରାୟ ବର୍ଷେ ଧରି ଶୁଖି ଯାଇଥିବାବେଳେ, କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପ୍ରାୟ ୬ଟି ନୀଳଗିରି ଗଛ ଶୁଖିଯାଇଛି। ସେହିପରି କୋରାପୁଟ ଆରଟିଓ ଅଫିସରୁ ଆଇଆରବି ବାଟାଲିଆନ ମଧ୍ୟରେ ପ୍ରାୟ ୩ଟି ଗଛ ଶୁଖିଯାଇଛି। ଏହି ଶୁଖିଲା ଗଛ କାଟିବା ନେଇ ଜିଲା ପ୍ରଶାସନ କେବଳ ନିର୍ଦ୍ଦେଶ ଦେଇ ନ ବସି ଏଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସହର ଭବାନୀ ଶଙ୍କର ମିଶ୍ର, ମୋନଜ କୁମାର ନାୟକ ଆଦି ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏନେଇ କୋରାପୁଟ ରେଞ୍ଜ ଅଧିକାରୀ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କୁ ପଚାରିବାରୁ, ଶୀଘ୍ର ଏହି ଶୁଖିଲା ଗଛଗୁଡ଼ିକୁ କଟାଯିବ ବୋଲି ପ୍ରକାଶ କରିଛନ୍ତି।




କୋରାପୁଟ ଓ ଦାମନଯୋଡ଼ିରେ ରାସ୍ତାପାର୍ଶ୍ୱରେ ଥିବା ଶୁଖିଲା ଡାଳ ବିଦ୍ୟୁତ୍ ତାରରେ ପଡ଼ିରହିଛି।

### ବିଦ୍ୟୁତ୍ ତାରରେ ପଡ଼ିଛି ଶୁଖିଲା ଡାଳ

**ଦାମନଯୋଡ଼ି,(ଡି.ଏନ୍.ଏ.):** କୋରାପୁଟ ଜିଲା ବନଖଣ୍ଡ ଅନ୍ତର୍ଗତ ମାଥାଲପୁଟ ଗୁରୁବାର ହାଟରେ ଏକ ଶୁଖିଲା ଅଶ୍ୱତ୍ଥ ଗଛ ବିପଦପୂର୍ଣ୍ଣ ଭାବେ ରହିଛି। ଦୀର୍ଘଦିନ ଧରି ଉକ୍ତ ଗଛର ଶୁଖିଲା ଡ଼ାଲ ଓ ଗଣ୍ଡି ନିକଟସ୍ଥ ୧୧ କେଭି ବିଦ୍ୟୁତ୍ ତାର ଉପରେ ରହିଛି। ଅନ୍ୟପଟେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ନଇଁ ପଡ଼ିଛି। ତେବେ ପ୍ରତି ସପ୍ତାହରେ ଏହି ହାଟର କିଣାବିକା ପାଇଁ ପ୍ରବଳ ଗହଳି ହେଉଛି। ଏହି ଶୁଖିଲା ଗଛର ଡାଳ ଲୋକଙ୍କ ଉପରେ ଭାଙ୍ଗି ପଡ଼ିବା ଆଶଙ୍କା ରହିଛି। ତେବେ କୌଣସି ବଡ଼ ଧରଣର ବିପଦ ଘଟିବା ପୂର୍ବରୁ ବନ ବିଭାଗ ପକ୍ଷରୁ ଏହାକୁ କଟାଯିବାକୁ ଦାବି ହୋଇଛି। ଦାମନଯୋଡ଼ି ନାଗରିକ ମଞ୍ଚ ସମେତ ହାଟର ବ୍ୟବସାୟୀ ଏବଂ ସାଧାରଣ ଲୋକେ ଏହି ଦାବି କରିଛନ୍ତି। ଏ ସମ୍ପର୍କରେ ବନ ବିଭାଗ ସହ ଯୋଗାଯୋଗ କରାଯିବାରୁ ଉକ୍ତ ଗଛ କଟାଯିବା ପରେ ବିଦ୍ୟୁତ୍ ଖୁଣ୍ଟ ସଳଖ କରାଯିବ ବୋଲି ଜଣେ କର୍ମଚାରୀ କହିଛନ୍ତି।



"କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ। କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ



## ସଂକ୍ଷେପରେ



### ବୁଲା ବିକାଳିଙ୍କୁ ଅଟକାଇ ବଣିକ ସଂଘର ତାଗିଦ୍

**ଟିକିରି, ୧।୧୧ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶିପୁର ବ୍ଲକରେ ଦିନକୁ ଦିନ ବୁଲା ବିକାଳିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ପ୍ରତ୍ୟେକ ଦିନ ବାହାର ରାଜ୍ୟରୁ ବୁଲା ବିକାଳିମାନେ ରେଡିମେଡି ଡ୍ରେସ୍, ଶାଢ଼ି, ତକିଆ, ଗଦି, କମଳ ଆଦି ଆଣି ଏଠାରେ ବ୍ୟବସାୟ ଚଳାଇଛନ୍ତି। ଏପରି ବ୍ୟବସାୟକୁ ଟିକିରି ବଣିକ ସଂଘ ବିରୋଧ କରିଛି । ଗତ ବୁଧବାର ପଶ୍ଚିମବଙ୍ଗରୁ କିଛି ବ୍ୟବସାୟୀ ଅଟୋ ସାହାଯ୍ୟରେ ତକିଆ, ଗଦି ବେଡ୍‌ସିଟି ଆଣି ବିକ୍ରି କରୁଥିଲେ। ସେମାନଙ୍କୁ ସଂଘର ସଦସ୍ୟମାନେ ଅଟକାଇ ଏହି ଅଞ୍ଚଳରେ ବ୍ୟବସାୟ ନ କରିବା ପାଇଁ ତାଗିଦ କରି ଛାଡି ଦେଇଥିଲେ। ବୁଲା ବିକାଳିମାନେ ବିନା ଟ୍ୟାକ୍ସରେ ଏଠାରେ ବ୍ୟବସାୟ କରିବାରୁ ଟିକିରି ଅଞ୍ଚଳର ବ୍ୟବସାୟୀମାନଙ୍କୁ କ୍ଷତି ସହିବାକୁ ପଡୁଛି ବୋଲି ବଣିକ ସଂଘ ସଭାପତି ସୁନା ବେହେରା, ପ୍ରଫୁଲ ସାହୁ, ରାଜେନ୍ଦ୍ର ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ଓ ସେଲ୍‌ଟାକ୍ସ ବିଭାଗ ଏହାର ତଦନ୍ତ କରିବା ପାଇଁ ଦାବି କରାଯାଇଛି।

### ମାଲବୋଝେଇ ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ରାୟଗଡା ଅଫିସ୍, ୧।୧୧:** ରାୟଗଡା ସହର ଫ୍ଲାଏ ଓଭର ଉପରେ ଗୋଟିଏ ମାଲ ବୋଝେଇ ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ କେହି ମୃତାହତ ହୋଇ ନାହାନ୍ତି । କେବଳ ଟ୍ରକ୍‌ଟିର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି । ଗୁରୁବାର ସକାଳ ୬ଟା ବେଳେ ବ୍ରହ୍ମପୁର ସହରରୁ ଏକ ଚାଓମିନ ବୋଝେଇ ମିନିଟ୍ରକ୍ (ଓଡି.୦୭.ଭି-୬୪୧୫)ଟି ରାୟଗଡା ସହର ଦେଇ ନବରଙ୍ଗପୁର ଯାଉଥିଲା । ତେବେ ସହରର ଫ୍ଲାଏ ଓଭର ଉପରେ ଦେଇ ଯାଉଥିବା ବେଳେ ବୁଲାଣି ନିକଟରେ ଏକ ଟ୍ରଲରକୁ ପାର ହୋଇ ଯିବାବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

### ଗଞ୍ଜେଇ ଚାଷ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ



**ମୁନିଗୁଡ଼ା,୧।୧୧(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ଡ଼ାଙ୍ଗସୋରଡ଼ା ଫାଣ୍ଡି ପରିସରରେ ଗଞ୍ଜେଇ ଚାଷ ଓ ଦାଦନ ରୋକିବା ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁନିଗୁଡ଼ା ଏସଡ଼ିପିଓ ଚନ୍ଦ୍ରଶେଖର ହୋତା ସଭାପତିତ୍ୱ କରିଥିଲେ । ଏହି ଶିବିରରେ ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଭିନାଶ କୁମାର, ଥାନା ଆଇଆଇସି ରାମେଶ୍ୱର ପ୍ରଧାନ, ଡ଼ାଙ୍ଗସୋରଡ଼ା ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ରଙ୍କ ସମେତ ଅବକାରୀ ବିଭାଗ ଓ ବନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ । ଅଞ୍ଚଳରେ କିପରି ଗଞ୍ଜେଇ ଚାଷକୁ ରୋକାଯାଇପାରିବ ଓ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ନିଜ ଅଞ୍ଚଳରେ ସରକାରଙ୍କ ବିଭିନ୍ନ ଯୋଜନାରେ କାମ କରିବା ନେଇ ସଚେତନତା କରାଯାଇଥିଲା।

### ଶହୀଦ ଯବାନ, ଫଟୋ ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି

**ରାୟଗଡା ଅଫିସ୍, ୧।୧୧:** ଛତିଶଗଡ ରାଜ୍ୟ ଦନ୍ତେୱାଡା ଜିଲାରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ୍ ହୋଇଥିବା ଯବାନ ଓ ଫଟୋ ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏଥିସହ ଏସ୍‌ଆଇ ରୁଦ୍ରପ୍ରତାପ, କନଷ୍ଟେବଲ ମଙ୍ଗଲୁ ମାନଦେବ ଏବଂ ରାଜେଶ କୈଶଲଙ୍କୁ ରାୟଗଡା ଖବରଦାତାମାନଙ୍କ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ସ୍ଥାନୀୟ ରାୟଗଡା ସହରରେ ଥିବା ଗାନ୍ଧୀ ପାର୍କ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସପି ରାହୁଲ ପିଆର୍ ଯୋଗଦେଇ ଶହୀଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମାଓବାଦୀମାନଙ୍କ ପକ୍ଷରୁ କରାଯାଇଥିବା ଏହି ବର୍ବରକାଣ୍ଡକୁ ତୀବ୍ର ନିନ୍ଦା କରାଯାଇଛି। ଏହି ଅବସରରେ ଖବରଦାତାମାନେ କ୍ୟାଣ୍ଡେଲ ଜାଳି ଶହୀଦ୍‌ମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ ।

■ ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ମୁନିଗୁଡ଼ା/ବିଷମକଟକ, ୧।୧୧(ଡ଼ି.ଏନ.ଏ)**



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ବୁର୍ଜୀଗୁଡ଼ାଠାରେ ଏକ ଟ୍ରକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଆମ୍ବାଦୋଳା ଥାନା ଅନ୍ତର୍ଗତ ଖମ୍ବାରିଗୁଡ଼ା ଗ୍ରାମର ଯୁଧିଷ୍ଠିର କୁସୁଲିଆ (୩୦) । କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ଗ୍ରାମବାସୀ ରାୟଗଡ଼ା–କଳାହାଣ୍ଡି ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଯୁଧିଷ୍ଠିର ସାଇକେଲରେ ଖଟ ରଖି ବିକ୍ରି କରିବାକୁ ବିଷମକଟକ ଯାଉଥିଲେ । ବୁର୍ଜୀଗୁଡ଼ାଠାରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ପରେ ଟ୍ରକଟି ଭାରସାମ୍ୟ ହରାଇ ବିଲକୁ ଓଲଟି ପଡ଼ିଥିଲା । ଟ୍ରକରେ ଥିବା ମୋବିଲଗୁଡ଼ିକ ଲିକ୍ ହେବାରୁ ଧାନ ଫସଲ ନଷ୍ଟ ହୋଇଯାଇଛି । ପରେ ମୃତ ବ୍ୟକ୍ତିଙ୍କ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ । ଫଳରେ ରାୟଗଡ଼ା–କଳାହାଣ୍ଡି ରାସ୍ତାରେ ବହୁ ଯାନବାହନ ଅଟକି ରହିଥିଲା। ଖବରପାଇ ମୁନିଗୁଡ଼ା ଥାନାଧିକାରୀ ରାମେଶ୍ୱର ପ୍ରଧାନ, ତହସିଲଦାର ଫେରନାଣ୍ଡ ଏକ୍କା, ବିଷମକଟକ ତହସିଲଦାର ଶୁଭେନ୍ଦୁ ଜେନା, ଏସଆଇ ତରୁଣ ମାହାଲି, ରିଗାନ କିଣ୍ଡୋ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ହରିଶ୍ଚନ୍ଦ୍ର ଯୋଜନା ଓ ରେଡ଼କ୍ରସ ପାଣ୍ଠିରୁ ସହାୟତା ଦେବା ସହ କ୍ଷତିପୂରଣ ପ୍ରଦାନ ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା । ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।



ଆଇନଜୀବୀମାନେ ଆନ୍ଦୋଳନ ଚଳାଇଛନ୍ତି ।

# ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ରାୟଗଡା ଅଫିସ୍, ୧।୧୧**

ଓଡ଼ିଶା ହାଇକୋର୍ଟ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସମର୍ଥନ ଜଣାଇ ରାୟଗଡା ଜିଲା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛି । ସଂଘ ସଭାପତି ବିଷ୍ଣୁପ୍ରସାଦ ପଣ୍ଡା, ସମ୍ପାଦକ ନବକୁମାର କଣ୍ଡା, ଉପସଭାପତି ଶ୍ରୀନିବାସ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଗୌରୀ ପଟ୍ଟନାୟକଙ୍କ ନେତୃତ୍ୱରେ ରାୟଗଡା କୋର୍ଟ ପରିସରରେ ସମସ୍ତ ଆଇନ୍‌ଜୀବୀ ଆନ୍ଦୋଳନ କରିଛନ୍ତି । ହାଇକୋର୍ଟର ଓକିଲ ସଂଘର ଆନ୍ଦୋଳନକୁ ସମର୍ଥନ ଜଣାଇ ୨ମାସ ପର୍ଯ୍ୟନ୍ତ ଓକିଲଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବା ପରେ ସଦସ୍ୟମାନେ ସହଯୋଗ କରିଥିଲେ। ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟ ଜଷ୍ଟିସ୍ ସି.ଆର୍ ଦାଶଙ୍କୁ ତଦନ୍ତ କରି ରିପୋର୍ଟ ଦାଖଲ କରିବା ପାଇଁ ଆଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ସ୍ଥଗିତକରି ଏହାର ସମାଧାନ ତୁରନ୍ତ କରିବା ପାଇଁ ଦାବି କରାଯାଇଛି । ଓକିଲ ସଂଘ ପକ୍ଷରୁ ଶୁକ୍ରବାର ବୈଠକ ଅନୁଷ୍ଠିତ ହେବ । ଉକ୍ତ ବୈଠକରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି । ରାୟଗଡା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନରେ ଆଇନ୍‌ଜୀବୀ ବ୍ରଜସୁନ୍ଦର ନାୟକ, ସି.ଏଚ୍ ଶ୍ରୀନୁ, ବିଶ୍ୱନାଥ ଗନ୍ତାୟତ, ପି.ଜଗନମୋହନ, ଲାବଣ୍ୟମୋହନ ପଟ୍ଟନାୟକଙ୍କ ସମେତ ସମସ୍ତ ଆଇନ୍‌ଜୀବୀ ଉପସ୍ଥିତ ଥିଲେ ।

■ ରୋଗୀକଲ୍ୟାଣ ସମିତି ବୈଠକ

# ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଗୃହୀତ



ବୈଠକରେ ଆଲୋଚନା କରାଯାଉଛି ।

**ରାମନାଗୁଡା,୧।୧୧(ଡି.ଏନ୍.ଏ.)**

ରାୟଗଡା ଜିଲା ରାମନାଗୁଡା ବ୍ଲକ ଉକାମ୍ବା ପଞ୍ଚାୟତ ସଦର ମହକୁମାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଠାରେ ଅବସ୍ଥାପିତ ଡାକ୍ତର ଚନ୍ଦ୍ରସାରଥି ବେହେରାଙ୍କ ବଦଳି ହୋଇଯିବା ଫଳରେ ଶେଷ ରୋଗୀ କଲ୍ୟାଣ ସମିତି ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା। ପୂର୍ବ ବୈଠକରେ ନିର୍ଦ୍ଧାରଣ କରାଯାଇଥିବା କୌଣସି କାମ ପାଣ୍ଠି ଅଭାବରୁ ହୋଇ ନ ପାରିବାରୁ ସମସ୍ତ ଉପସ୍ଥିତ ଜନସାଧାରଣ ତଥା ଅଧିକାରୀମାନେ ବିରକ୍ତି ପ୍ରକାଶ କରିଥିଲେ। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ସଭାଗୃହ, ଆବର୍ଜନାକୁଣ୍ଡକୁ ବାଡ, ପାଣି ଗଳୁଥିବାରୁ ସବୁ କୋଠରିରେ ମରାମତି କାମ, ଟିକା ରହୁଥିବା ଗୃହରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହେତୁ ଇନଭର୍ଟର ଯୋଗାଣ ନିମନ୍ତେ ପ୍ରସ୍ତାବ ରଖାଯାଇଥିଲା। ମାତ୍ର ସେଥିରୁ କୌଣସି କାମ ହୋଇ ନପାରିବା ସ୍ୱାସ୍ଥ୍ୟ ବିଭାଗର ପାରିବାପଣ ଉପରକୁ ଅଙ୍ଗୁଳି ଉଠୁଛି। ଟିକା ଏବଂ ଇଞ୍ଜେକସନଗୁଡିକ ଠିକ୍ ଭାବେ ରଖିବା ନିମନ୍ତେ ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର ହେବାକୁ ପଡୁଛି। କେବଳ ଓଭରହେଡ ଟ୍ୟାଙ୍କ କରାଯାଇ ପିଇବା ପାଣିର ବ୍ୟବସ୍ଥା ହୋଇଛି। ୨୦୧୮/୧୯ର କୌଣସି ବ୍ୟୟ ଅଟକଳ ହୋଇ ନଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଟାଳଟୁଳ ନୀତି କରୁଛି। ତିତ୍‌ଲି ବାତ୍ୟା ଯୋଗୁଁ ଏସବୁ ହୋଇପାରିନି ବୋଲି ସଫେଇ ଦିଆଯାଉଛି। ବୈଠକରେ ବିଡିଓ ସୁଧାକର ରଇତ, ଜିଲା ପରିଷଦ ସଭ୍ୟା ସାରଦା ସେନାପତି, ଡାକ୍ତର ସିଦ୍ଧାର୍ଥ ମଲ୍ଲିକ, ପିଏଚଇଓ ସଂଘମିତ୍ରା ମହାପାତ୍ର, ଉକାମ୍ବା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲାଲୁବାବୁ, ସୁପରଭାଇଜର ବି. କ୍ରିଷ୍ଣାରାଓ, ବିପିଏମ୍ ସେବାକର ରାଓ ଏବଂ ଗ୍ରାମର ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ କର୍ମ ନିଯୁକ୍ତି ଶିବିର

**ଜେକେପୁର,୧।୧୧(ଡ଼ି.ଏନ.ଏ)**

କୋଲନରା ବ୍ଲକ କାର୍ଯ୍ୟାଳୟଠାରେ ଓରମାସ, ଡିଡିୟୁ- ଜିକେୱାଇ ଯୋଜନାରେ ଗ୍ରାମାଞ୍ଚଳର ବେକାର ଯୁବତୀଯୁବକମାନଙ୍କ ବ୍ଲକସ୍ତରୀୟ କର୍ମନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ। କୋଲନରା ବିଡିଓ ତାପସ କୁମାର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଗୀତା କଣ୍ଡାଗରି, ଜିଲା ପରିଷଦ ସଭ୍ୟ ଆଶୁତୋଷ କିଲାକା, ସୋମି ହିମିରିକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବ୍ଲକର ଏବିଡିଓ କେ.ଶିବ ଗୋପାଳ ରାଓ ଓ ଓରମାସର ଅତିରିକ୍ତ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର ଶିବିର ସମ୍ପର୍କରେ ଯୁବତୀଯୁବକଙ୍କୁ ବୁଝାଇଥିଲେ । ୧୮ବର୍ଷରୁ ୩୫ବର୍ଷର ଯୁବତୀଯୁବକ ଏହି ଯୋଜନାରେ ତାଲିମ ନେଇ ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରରେ ୩୧୦ଜଣ ନିଜ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୨୧ଜଣ ଯୁବତୀଯୁବକଙ୍କୁ ଚୟନ କରାଯାଇ ୧୨ଟି ଘରୋଇ କମ୍ପାନୀରେ ନିଯୁକ୍ତି ଦିଆଯାଇଛି ।

# ପ୍ରେରଣାତ୍ମକ ପ୍ରଶିକ୍ଷଣ ଶିବିର




ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ ।

**ରାୟଗଡା ଅଫିସ୍, ୧।୧୧**

ରାୟଗଡା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ରାୟଗଡା ଏବଂ କୋଲନରା ଶିକ୍ଷା ମଣ୍ଡଳର ମିଳିତ ଆନୁକୂଲ୍ୟରେ ଏକ ପ୍ରେରଣାତ୍ମକ ପ୍ରଶିକ୍ଷଣ ଶିବିର ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାୟଗଡା ବ୍ଲକ୍ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଗୁଣାତ୍ମକ ଶିକ୍ଷାର ବିକାଶ କିପରି ହୋଇପାରିବ ଜିଲାପାଳ ସମସ୍ତଙ୍କୁ କହିଥିଲେ । ଶିବିରରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା, ଜିଲା ପ୍ରକଳ୍ପ ସଂଯୋଜକ ଆନାସ୍ତେଶିଆ କେରକେଟା, ରିସର୍ଚ୍ଚ ପର୍ସନ ଡା. ନରେନ୍ଦ୍ର କୁମାର ମିଶ୍ର, ଆର୍‌ପି ଡମ୍ବରୁଧର ପଟ୍ଟନାୟକ, କୋଲନରା ବିଇଓ, ସହରାଞ୍ଚଳ ସିଆର୍‌ସିସି ଦୀପକ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୭୧ଜଣ ଏଥିରେ ଅଂଶଗ୍ରହଣ କରିଥିଲେ । ସଦର ସିଆର୍‌ସିସି ଏବଂ ରାୟଗଡା ବିଇଓ ସଭା ସାଙ୍ଗ କରିଥିଲେ।

# ଧାନରେ ଚକଡ଼ା ପୋକ, ଚିନ୍ତାରେ ଚାଷୀ



ଧାନ ଫସଲ ନଷ୍ଟ ହୋଇଯାଇଛି ।

**ଅମ୍ବାଦୋଳା,୧।୧୧(ଡ଼ି.ଏନ.ଏ)**

ମୁନିଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ଇଚ୍ଛାପୁର, କୁମୁଡ଼ାବାଲି, ଅମଳାଭଟ୍ଟା ଓ ଆମ୍ବାଦୋଳା ଅଞ୍ଚଳରେ ଧାନ ଗଛରେ ଚକଡ଼ା ପୋକ ଲାଗିଛି । ଫଳରେ ଶତାଧିକ ଏକର ଧାନ ଜମି ନଷ୍ଟ ହୋଯାଇଛି । ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ତିତ୍‌ଲି ପ୍ରଭାବରେ ଧାନଗଛ କିଛିମାତ୍ରାରେ ନଷ୍ଟ ହୋଇଥିବା ବେଳେ ଏବେ ଚକଡ଼ା ପୋକ ଲାଗିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୁମୁଡ଼ା ବାଲିର ଶ୍ୟାମସୁନ୍ଦର ଗୌଡ଼, କୁବେର ବାଗ, ଜିପେଚନ୍ଦ୍ର ବାଗ, କୃଷ୍ଣ ହାତୀ ପ୍ରମୁଖ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି । ସେହିପରି ଇଚ୍ଛାପୁର ପଞ୍ଚାୟତ ଟେକବ ବଟା, ବାବୁଲା ବଟା, ନାରାୟଣ ବଟା, ସାଙ୍ଗ ବାଲସା ଗ୍ରାମର ରାଗବତୀ କଟିମ, ଗଜମନ ନାୟକ, ସୁଜବ ସୁନା, ବିକ୍ରମ କଟିମ, ଶୁଭମ କଟିମ, ଘନ ବଟା, ରଘୁନାଥ ବେହେରା, ଗୁସି କଟିମଙ୍କ ଧାନ ଫସଲ ନଷ୍ଟ ହୋଇଥିବା ଜଣାଯାଇଛି । ତୁରନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

# ଦୁର୍ନୀତି ବିରୋଧରେ ବ୍ଲକ ଘେରିଲା ଭାଜପା

**ଗୁଡାରୀ/ପଦ୍ମପୁର/କଲ୍ୟାଣସିଂହପୁର, ୧।୧୧ (ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧ ସହ ୧୦ଦଫା ଦାବି ନେଇ ଗୁଡାରୀ ଭାଜପା ତରଫରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଭାଜପା ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ନେତା ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଗୁଡାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଲୁକାସ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ଶୀଘ୍ର ପୂରଣ କରା ନ ଗଲେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଗୁଡାରୀ ଏନ୍‌ଏସିରେ ବସ୍ତି ପଟ୍ଟା ପ୍ରଦାନ, ୧୯୮୦ ବନ୍ୟା ପୀଡ଼ିତାମାନଙ୍କୁ ଗୃହପଟ୍ଟା ପ୍ରଦାନ, ମୁଚୁକିପଦର ଛକଠାରୁ ଗୁଡାରୀ ପର୍ଯ୍ୟନ୍ତ ରାସ୍ତା ମରାମତି, ଗୁଡାରୀ ସିଏଚ୍‌ସିରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ତିତ୍‌ଲି ବାତ୍ୟା ପ୍ରଭାବିତଙ୍କୁ କ୍ଷତିପୂରଣ, ଗୁଡାରୀ ବାଦିଗୁଡା ନାଳ ଉପରେ ସ୍ଥାୟୀ ପୋଲ ଓ ଯୁବ ପୀଢ଼ିଙ୍କ ନିମନ୍ତେ ଏକ ଖେଳ ପଡିଆ ନିର୍ମାଣ ଆଦି ଦାବି କରାଯାଇଛି। ଏହି ଘେରାଉରେ ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଟ୍ଟିକା, ତ୍ରିପତି ପାଣିଗ୍ରାହୀ, ଗୌରୀ ମାଣ୍ଡାଙ୍ଗି, ପ୍ରତାପ ପାଣିଗ୍ରାହୀ, ବିଜୟ ପାଣିଗ୍ରାହୀ, ପୂର୍ଣ୍ଣ ମହାନ୍ତିଙ୍କ ସମେତ ବହୁ ଜନତା ଓ କର୍ମୀ ସାମିଲ ହୋଇଥିଲେ। ସେହିପରି ପଦ୍ମପୁରଠାରେ ଭାଜପା ପକ୍ଷରୁ ପଦ୍ମପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି । ବିଡ଼ିଓ ଅଗସ୍ତୀ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କର୍ମୀମାନେ ପଦ୍ମପୁର ମୁଖ୍ୟବଜାର ସୁନାରିଘାଇଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଓ ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ । ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଟିକା, ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢୀ, ବିଜୟ ଶବର,ଦାମୋଦର କଂସବେହେରା, ବିଜୟ ଶବର, ବୃନ୍ଦା ଶବର, ଦେବେନ୍ଦ୍ର ପଣ୍ଡା,ଜିଲା ପରିଷଦ ସଭ୍ୟ ରାମ ବେହେରା, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣ ମୁଟିକାଙ୍କ ସହ ବହୁ କର୍ମୀ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାଇଖାନା ନିର୍ମାଣ ୱାର୍କ ଅର୍ଡ଼ର ନାମରେ ଲାଞ୍ଚ କାରବାର, ଚିଟ୍‌ଫଣ୍ଡ ମହାଦୁର୍ନୀତି, ଖଣି,କୃଷି ଋଣ ଇନ୍‌ପୁଟ ସବସିଡ୍‌ର ବାଟମାରଣା ଆଦି ବନ୍ଦ କରାଯାଉ,ବିଭିନ୍ନ ପଞ୍ଚାୟତରେ ଉଠାଜଳସେଚନ ଯୋଜନା ତୁରନ୍ତ କରାଯିବା, ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସାହାଯ୍ୟ ପ୍ରଦାନ, ଜଙ୍ଗଲ ଜମି ପ୍ରଦାନ ଆଦି ଦାବି କରାଯାଇଛି । ସେହିପରି କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାଠାରେ ଭାଜପା ତରଫରୁ ବ୍ଲକ ଘେରାଉ କରାଯାଇଛି । ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏଥିରେ ଜିଲା ଭାଜପା ସଭାପତି ଶିବସୁନ୍ଦର ଉଲ୍ଲାକା,ଜୟରାମ ପାଙ୍ଗି, ଯୁବମୋର୍ଚ୍ଚା ସଭାପତି ନିଳାଦ୍ରୀ ପରିଡ଼ା, ସମ୍ପାଦକ ଭାସ୍କର ପଣ୍ଡା, ରାମ ବେହେରା, ତପନ ତପାଦାର, ମହିଳା ମୋର୍ଚ୍ଚା ବ୍ଲକ ସଭାପତି ବାବୁ ରାଓ ଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ ।



ଗୁଡାରୀରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।




କଲ୍ୟାଣସିଂହପୁରରେ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।



ପଦ୍ମପୁରରେ ଭାଜପା କର୍ମୀମାନେ ବିଡ଼ିଓ ଅଗସ୍ତୀ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ପ୍ରଥମ ପର୍ଯ୍ୟାୟ ଇଭିଏମ ଯାଞ୍ଚ ଶେଷ

ନବରଙ୍ଗପୁର,୧।୧୧(ବି.ପ୍ର)-ନବରଙ୍ଗପୁର ଜିଲାରେ ପ୍ରଥମ ପର୍ଯ୍ୟାୟ ଇଭିଏମ ଓ ଭିଭିପିଏଟ ଯାଞ୍ଚ ଶେଷ ହୋଇଛି। ଆଗାମୀ ସାଧାରଣ ନିର୍ବାଚନ ସକାଶେ ମୋଟ ୨୪୬୦ ବାଲାଟ ୟୁନିଟ ଓ ୨୪୬୦ କଣ୍ଟ୍ରୋଲ ୟୁନିଟ ଇଭିଏମ ନିର୍ବାଚନ କମିଶନ ତରଫରୁ ଜିଲାକୁ ପ୍ରଦାନ କରାଯାଇଛି । ପ୍ରଥମ କରି ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ ଭିଭିପିଏଟର ବ୍ୟବସ୍ଥା କରାଯାଇଛି । ଏ ପରିପ୍ରେକ୍ଷୀରେ ଜିଲାକୁ ୨୬୩୦ ଭିଭିପିଏଟ ପ୍ରଦାନ କରାଯାଇଛି । ଏ ସମସ୍ତ ଇଭିଏମ ଓ ଭିଭିପିଏଟ ପ୍ରଥମ ପର୍ଯ୍ୟାୟ ଯାଞ୍ଚ କାମ ଶେଷ ହୋଇଛି । ସମସ୍ତ ପ୍ରକାର ଯାଞ୍ଚ ପ୍ରକ୍ରିୟା ଗତ ୧୫।୯।୨୦୧୮ରୁ ଜିଲାର ରାଜନୈତିକ ଦଳ ପ୍ରତିନିଧିଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା ।

### ଯୁବ କ୍ରୀଡା ମହୋତ୍ସବ ଉଦଯାପିତ

ନବରଙ୍ଗପୁର,୧।୧୧(ଡି.ଏନ.ଏ.)- ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ କ୍ରିଡା ବିଭାଗ ପକ୍ଷରୁ ଜିଲା ସ୍ତରୀୟ ଯୁବମୋହତ୍ସବ ଉଦଯାପିତ ହୋଇେ ଯାଇଛି । ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ପିଏଆଇଟିଡିଏ ଅଣାକାର ଠାକୁର ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଯୋଗ ଦେଇ କୃତୀ ପ୍ରତିଯୋଗୀ ସମ୍ମାନିତ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଲାଖ ସାମଗ୍ରୀ ଓ ଟ୍ରଫି ପ୍ରଦାନ କରିଥିଲେ । ବକ୍ତୃତାରେ ନବରଙ୍ଗପୁର ବ୍ଲକର ମେଘନା ପଟ୍ଟନାୟକ, ଏକକ ସଙ୍ଗୀତ, ବଂଶୀ, ତବଲା, ହାରମୋନିୟମରେ ଅଭିମନ୍ୟୁ ମାଝୀ, ହିନ୍ଦୁସ୍ତାନୀ ସଙ୍ଗୀତରେ ପ୍ରତ୍ୟୁଷ ସାମନ୍ତ ସିଂହାର, ଓଡିଶୀରେ ମନିଷା ରଥ, ଫ୍ଲକ ସଙ୍ଗୀତରେ କୋଷାଗୁମୁଡା ବ୍ଲକ, ନୃତ୍ୟରେ ଝରିଗାଁ ମହାବିଦ୍ୟାଳୟ, ଗିତାରରେ ବିଶ୍ୱଜିତ ରଥ ପ୍ରଥମ ସ୍ଥାନ ପାଇଛନ୍ତି । ସେମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେବୋଲି ଜିଲା କ୍ରିଡା ଅଧିକାରୀ ଅକ୍ଷୟ କୁମାର ସିଠ କହିଛନ୍ତି।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ଡାବୁଗାଁ, ୧।୧୧ (ଡି.ଏନ.ଏ.)-ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟରେ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ପଟେଲ , ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ରାଷ୍ଟ୍ରୀୟ ଏକତା , ଅଖଣ୍ଡତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବା ପାଇଁ ଶପଥ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସମ୍ପର୍କରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ପଟେଲଙ୍କ ଦୂର ଦୃଷ୍ଟି ଏବଂ କାର୍ଯ୍ୟଶୈଳୀ ସମ୍ବନ୍ଧରେ କହିବା ସହିତ ଦେଶର ସୁରକ୍ଷା ପାଇଁ ସତ୍ୟ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷୟିତ୍ରୀ ଆରତୀ ବିଶୋଇ ସଭା ପରିଚାଳନା କରିଥିଲେ। ଫଟୋ-ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଶପଥ ପାଠ କରୁଛନ୍ତି।

### ତହସିଲଦାର, ବିଡିଓଙ୍କୁ ଦାବିପତ୍ର

ଡାବୁଗାଁ,୧।୧୧(ଡି.ଏନ.ଏ.)- ଡାବୁଗାଁ ବ୍ଲକର ବଡଓଲମା ପଞ୍ଚାୟତକୁ ମରୁଡି ଘୋଷଣା କରିବା ପାଇଁ ପଞ୍ଚାୟତବାସୀଙ୍କ ତରଫରୁ ତହସିଲଦାର ନରସିଂହ ଗାଦବା ଓ ବିଡିଓ ଗୌରହରି ପାତ୍ରଙ୍କୁ ଏକ ଦାବୀପତ୍ର ଗୁରୁବାର ପ୍ରଦାନ କରାଯାଇଛି । ଡାବୁଗାଁ ବ୍ଲକର ବଡଓଲମା ପଞ୍ଚାୟତରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବାରୁ ଧାନ, ବିରି, କୋଳଥ, ମଣ୍ଡିଆ ଆଦି ଫସଲ ପାଣି ଅଭାବରୁ ପୋଡି ନଷ୍ଟ ହୋଇଯାଇଛି । ଅଧିକାଂଶ ଜମିରେ ଧାନ ଗଛ ରେ ଧାନ ନହୋଇ ଅଗାଡି ହୋଇଯାଇଛି । ବଡଓଲମା ପଞ୍ଚାୟତକୁ ମରୁଡି ଘୋଷଣା କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବ୍ଲକ ଅଧକ୍ଷା ସୁଷମା ବିଶୋୟୀ, ସରପଞ୍ଚ ନୀଳେନ୍ଦ୍ର ଭତ୍ରା, ରାଜେନ୍ଦ୍ର ବିଶୋୟୀ, ଉପେନ୍ଦ୍ର ବିଶୋୟୀ, ସୁମିତ କୁମାର ବିଶୋୟୀ, ହିରୋସିଂ ପୂଜାରୀ, ଧନ ପୂଜାରୀ, ଖଗୁ ଭତ୍ରା ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା

ନବରଙ୍ଗପୁର,୧।୧୧( ବି.ପ୍ର.)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସ୍ଥାନୀୟ ରାମ ମନ୍ଦିର ଛକ ଠାରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇ ପ୍ଲାକାର୍ଡ ଓ ସ୍ଲୋଗାନ ମାଧମରେ ସଚେତନତା ସୃଷ୍ଟି କରିଥିଲେ । ଏହା ପରେ ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଏସପି ବିବେକାନନ୍ଦ ଶର୍ମା, ସମ୍ମାନିତ ଅତିଥି ପିଡି ଡିଆରଡିଏ ରମାକାନ୍ତ ନାୟକ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଜିଲା ଓକିଲ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ ଯୋଗ ଦେଇ ଦୁର୍ନୀତିଗ୍ରସ୍ତ ମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ଓ ଦଣ୍ଡବିଧାନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ଡିଏସପି ପ୍ରମୋଦ ବାଗ, ସିଡିଏମଓ ସରୋଜ କୁମାର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶିଶୁ କଲ୍ୟାଣ କମିଟି ଅଧକ୍ଷ ବିଜୟ ଚୌଧୁରୀ, ଲଳିତ ମୋହନ ପଟ୍ଟନାୟକ, ପିଏଆଇଟିଡିଏ ଅଣାକାର ଠାକୁର, ଆଇନଜୀବୀ ଗଙ୍ଗାଧର ସାମନ୍ତରାୟ, ଜିଲା ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ମନରଂଜନ ମାଳି ପ୍ରମୁଖ ଯୋଗ ଦେଇଥିଲେ । ହାଇସ୍କୁଲ ସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ, ୟୁନିକ ପବ୍ଲିକ ସ୍କୁଲର ସିଦ୍ଧ କାର୍ତ୍ତି ଦାଶ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୌରଭ ପାତ୍ର ଦ୍ୱିତୀୟ, ପୂର୍ଣ୍ଣିମା ତ୍ରିପାଠୀ ତୃତୀୟ ଓ ହାଇସ୍କୁଲର ପ୍ରତିଭା ବିଶ୍ୱାସ ସ୍ୱତନ୍ତ୍ର ସ୍ଥାନ ପାଇଥିଲେ । ମହାବିଦ୍ୟାଳୟ ସ୍ତରରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ପି. ଶ୍ରାବଣି ପ୍ରଥମ, ନବରଙ୍ଗପୁର ମହାବିଦ୍ୟାଳୟରର ଶୁଭଶ୍ରୀ ସାହୁ ଦ୍ୱିତୀୟ ଓ ଗୁପ୍ତେଶ୍ୱରୀ ସାହୁ ତୃତୀୟ ସ୍ଥାନ ପାଇଥିଲେ । ଇଂଲିଶ ବକ୍ତୃତାରେ ହାଇସ୍କୁଲ ସ୍ତରରେ କେନ୍ଦ୍ରିୟ ବିଦ୍ୟାଳୟର ଶ୍ରୀୟା ମିଶ୍ର ପ୍ରଥମ, ୟୁନିକ ପବ୍ଲିକ ସ୍କୁଲର ସୃତିମିଶ୍ର ଦ୍ୱିତୀୟ, ଶୁଭଲକ୍ଷ୍ମୀ ଚୌଧୁରୀ ତୃତୀୟ ଓ ଥିଓଡର ପବ୍ଲିକ ସ୍କୁଲର କେ. ରୋହିତ କୁମାର ସ୍ୱତନ୍ତ୍ର ସ୍ଥାନ ପାଇଥିଲେ । ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗୀତାରେ କେନ୍ଦ୍ରିୟ ବିଦ୍ୟାଳୟର ପ୍ରେରଣା ବେନ୍‌ଜା ପ୍ରଥମ, ଡିଆଇଇଟିର ବିଭୂଦତ୍ତ ବିଷୋୟୀ, ନବରଙ୍ଗପୁର ମହାବିଦ୍ୟାଳୟର ଶୁଭଶ୍ରୀ ସାବତ ତୃତୀୟ ସ୍ଥାନ ପାଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

# ଡିସେମ୍ବର ୬ରେ ବଡକୁମାରୀ ସମିତି ସଭ୍ୟା ଉପନିର୍ବାଚନ

## ଜିଲାରେ ୧୫୭ ୱାର୍ଡ ମେମ୍ବର ପଦବୀ ଖାଲି

ନବରଙ୍ଗପୁର,୧।୧୧(ବି.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡକୁମାରି ସମିତି ସଭ୍ୟା ଓ ତେନ୍ତୁଳିଖୁଣ୍ଟି ବ୍ଲକ କାମତା ପଞ୍ଚାୟତର ୭ ନମ୍ବର ୱାର୍ଡ ମେମ୍ବର ପାଇଁ ଡିସେମ୍ବର ୬ ତାରିଖରେ ନିର୍ବାଚନ ହେବ । ଏନେଇ ଚଳିତ ମାସ ୫ ତାରିଖରେ ପ୍ରାର୍ଥୀ ପତ୍ର ଦାଖଲ ରହିଛି । କାମତା ୱାର୍ଡ ମେମ୍ବର ଲଳିତା ଭତ୍ରା ଓ ସମିତି ସଭ୍ୟା ସଇତି ଭତ୍ରାଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡିଥିଲା । ସେହିଭଳି ୨୦୧୭ ଫେବୃଆରୀରେ ହୋଇଥିବା ପଞ୍ଚାୟତିରାଜ ନିର୍ବାଚନରେ ୨ ହଜାର ୨୨୭ ୱାର୍ଡ ମେମ୍ବର ପଦବୀ ମଧ୍ୟରୁ ୨୦୭୦ ୱାର୍ଡ ମେମ୍ବର ନିର୍ବାଚିତ ହୋଇଥିଲେ । ୧୫୭ ପଦବୀରେ ପ୍ରାର୍ଥୀପତ୍ର ଦାଖଲ ହୋଇ ନଥିଲା । ଏନେଇ ପଦବୀ ଗୁଡିକ ଖାଲି ପଡିଥିଲା । ଖାଲି ପଡିଥିବା ପଦବୀ ଗୁଡିକ ସଂରକ୍ଷିତ ରହିଥିଲା । ସମ୍ପୃକ୍ତ ଅଞ୍ଚଳର ବିଡିଓମାନେ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଜଣାଇବା ପରେ ଉକ୍ତ ଅଞ୍ଚଳରେ ଗ୍ରାମସଭା କରାଯାଇ ରାଇଘର, ପାପଡାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ଉମରକୋଟ ବ୍ଲକର ୫୬ ଜଣ ୱାର୍ଡ ମେମ୍ବର ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ତଥାପି ଜିଲାର ୧୦୧ ୱାର୍ଡରେ ଏଯାଏ ପ୍ରାର୍ଥୀ ନଥିବା ଜଣାପଡିଛି । ବିଡିଓ ମାନେ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ରିପୋର୍ଟ ଦେବା ପରେ ଉପଜିଲାପାଳ ଏହାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ । ସଂରକ୍ଷିତ ପ୍ରାର୍ଥୀ ନମିଳିଲେ ଅଣ ସଂରକ୍ଷିତ ଭାବେ ଉକ୍ତ ୱାର୍ଡ ମେମ୍ବର ପଦବୀ ପାଇଁ ଘୋଷଣା କରାଯିବ । ଜିଲାପାଳଙ୍କ ମାଧ୍ୟମରେ ନିର୍ବାଚନ ଅଧିକାରୀଙ୍କୁ ଦର୍ଶାଯିବା ପରେ ନିର୍ବାଚନ ପ୍ରକ୍ରିୟା ହେବ ବୋଲି ଜିଲା ପଞ୍ଚାୟତ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

■ ଆମ ପୋଲିସ ବୈଠକ

# ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ



ବୈଠକରେ ଏସଡିପିଓ ଓ ଅନ୍ୟମାନେ ।

ନବରଙ୍ଗପୁର,୧।୧୧(ଡି.ଏନ.ଏ.)

ନବରଙ୍ଗପୁର ଥାନା ଠାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସଡିପିଓ ବିମଳ କାନ୍ତ ବ୍ରହ୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଇନ୍ସପେକ୍ଟର ଏମ. ଆଚାରୀ, ଓକିଲ ଉକାକାନ୍ତ ତ୍ରିପାଠୀ, ଗଙ୍ଗାଧର ସାମନ୍ତରାୟ, ବଣିକ ସଂଘ ସମ୍ପାଦକ ପି.ଏଲ. ମୁର୍ତ୍ତି, ବରିଷ୍ଠ ନାଗରିକ ଭବାନୀ ଶଙ୍କର ବହିଦାର, ଗଣେଶ ଚନ୍ଦ୍ର ଦାଶ, ସୁଶାନ୍ତ କୁମାର, ଦେବଦତ୍ତ ମଲ୍ଲିକ, ଏସଆଇ ଦିଲ୍ଲିପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ନବରଙ୍ଗପୁର ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏକତରଫା ରାସ୍ତା କରାଯିବା ସହ ଭାରୀଯାନ ଓ ଅନ୍ୟାନ୍ୟ ଯାନବାହାନ କେଉଁ ରାସ୍ତାଦେଇ ଚଳାଚଳ କରାଯିବା ଆବଶ୍ୟକତା ରହିଥିବା ତାହା ଉପରେ ଆଲୋଚନା ହୋଇଥିଲା । ମାଲବାହୀ ଟ୍ରକ ଗୁଡିକ ମଙ୍ଗଳମ ଟିମ୍ବର ରାସ୍ତା ଦେଇ ଭାୟା ଭିଜିଲାନ୍ସ ଅଫିସ ରାସ୍ତା ରେ ୨୬ ନମ୍ବର ଜାତୀୟ ରାଜପଥକୁ ବାହାରିଲେ କିଛି ମାତ୍ରାରେ ଟ୍ରାଫିକ ନିୟନ୍ତ୍ରଣ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା । ସେହିଭଳି ଭଣ୍ଡାର ଘରଣୀ ମନ୍ଦିର ନିକଟ ବସ ଷ୍ଟପେଜକୁ ଉଚ୍ଛେଦ ପାଇଁ ମତ ଦେଇଥିଲେ । ବିଭିନ୍ନ ଜାନୀଯାତ୍ରା, ଓ ଧାର୍ମିକ ମାସ ମାନଙ୍କରେ ଉକ୍ତ ଛକ ନିକଟରେ ଜଗନ୍ନାଥ ମନ୍ଦିର, ଭଣ୍ଡାର ଘରଣୀ ମନ୍ଦିର, ଚୈତନ୍ୟ ମନ୍ଦିରମାନଙ୍କରେ ଭିଡ ଜମୁଛି । ଟ୍ରାଫିକ ନିୟନ୍ତ୍ର ମସସ୍ୟା ଦେଖା ଦେଉଛି । ଏଥିପ୍ରତି ଗୁରତ୍ୱ ଦେବାକୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା ।

## ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

କୋଷାଗୁମୁଡା,୧।୧୧(ଡି.ଏନ.ଏ)

କୋଷାଗୁମୁଡା ବ୍ଲକ ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯିବା ସହ ୭ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜ ବିହାରୀ ଦାସଙ୍କ ନେତୃତ୍ୱରେ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରାଜ୍ୟ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଏଥିରେ ଜିଲା ସଭାପତି ଗୋବିନ୍ଦ ଜୈନ, ଉପସଭାପତି ଜୟନ୍ତ ପାତ୍ର, ଜିଲା ସମ୍ପାଦକ ଦିବାନ ସିଂ, ପୂର୍ବତନ ଏମପି ପର୍ଶୁରାମ ମାଝି, ଡାବୁଗାଁ ନିର୍ବାଚନ ମଣ୍ଡଳୀ ସଂଯୋଜକ ଅରୁଣ ପ୍ରସନ୍ନ ନାୟକ, କୋଷାଗୁମୁଡା ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, କୋଡିଙ୍ଗା ମଣ୍ଡଳ ସଭାପତି ରଞ୍ଜିତ କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନେ ଧାନକେଣ୍ଡା ଧରି ଆସି ବ୍ଲକକୁ ମରୁଡି ଘୋଷଣା ପାଇଁ ଦାବି ଜଣାଇଥିଲେ।



କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କ ସ୍ମୃତିରେ ରାଇଘର ସାମ୍ବାଦିକ ସଂଘ ଓ ନବରଙ୍ଗପୁର ଜିଲା ଓୟୁଜେ ଶାଖା ପକ୍ଷରୁ ଶ୍ରଦ୍ଧାଞ୍ଜଳି ।

# ଭୋଟର ତାଲିକା ସଂଶୋଧନ ସମୟ ସୀମା ବୃଦ୍ଧି

ନବରଙ୍ଗପୁର, ୧।୧୧(ବି.ପ୍ର)

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ନବରଙ୍ଗପୁର ଜିଲାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ସମୟ ସୀମା ଆଉ ୧୫ଦିନ ବୃଦ୍ଧି କରାଯାଇଛି । ଏହି ସଂଶୋଧନ କାର୍ଯ୍ୟକ୍ରମ ଗତ ଅକ୍ଟୋବର ୧ତାରିଖ ଠାରୁ ଜିଲାର ୯୮୩ଟି ଭୋଟ ଗ୍ରହଣ କେନ୍ଦ୍ରରେ ଆରମ୍ଭ ହୋଇଥିଲା । ତାହା ଅକ୍ଟୋବର ୩୧ ତାରିଖରେ ଶେଷ ହେବାର ଥିଲା । କିନ୍ତୁ ନିର୍ବାଚନ କମିଶନ ଏହି ସମୟ ସୀମା ବୃଦ୍ଧି କରିଛନ୍ତି । ଏ ସମ୍ପର୍କରେ ନିର୍ଦ୍ଦେଶନାମା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପତ୍ରସଂଖ୍ୟା ୯୬୪୦/୩୦।୧୦।୧୮ରେ ଆସି ପହଞ୍ଚିଛି । ଯେଉଁମାନଙ୍କ ବୟସ ଆଗାମୀ ୧।୧।୨୦୧୯ ସୁଦ୍ଧା ୧୮ବର୍ଷ ପୂରଣ ହେଉଥିବ ସେମାନେ ଯଦି ବର୍ତ୍ତମାନ ସୁଦ୍ଧା ଭୋଟର ତାଲିକାରେ ନିଜର ନାମ ପଞ୍ଜିକରଣ ସକାଶେ ଆବେଦନ କରିନାହାନ୍ତି, ତେବେ ସେମାନେ ଆଗାମୀ ନଭେମ୍ବର ୧୫ତାରିଖ ମଧ୍ୟରେ ଆବେଦନ କରିପାରିବେ। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୫୩,୧୩୨ଟି ଫର୍ମ ବିଏଲଓଙ୍କ ଦ୍ୱାରା ସଂଗ୍ରହ କରାଯାଇଛି । ଯାହାକି ରାଜ୍ୟର ଅନ୍ୟ ସମସ୍ତ ଜିଲାକୁ ପଛରେ ପକାଇ ନବରଙ୍ଗପୁର ଜିଲା ପ୍ରଥମ ସ୍ଥାନରେ ରହିଛି। ତାଲିକାରୁ ବାଦ ପଡିବା ପାଇଁ ୧୭,୪୦୯ଟି ଫର୍ମ ସଂଗ୍ରହ କରାଯାଇଥିବା ବେଳେ ନାମ ପଞ୍ଜିକରଣ ପାଇଁ ୨୫,୭୧୫ଟି ଫର୍ମ, ବୁଥ ସ୍ଥାନାନ୍ତରିତ ପାଇଁ ୮୭୪, ସଂଶୋଧନ ପାଇଁ ୯୪୩୪ ଟି ଫର୍ମ ସଂଗ୍ରହ କରାଯାଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ମୋଟ ୨୮,୦୧୬ଟି ଫର୍ମ ସଂଗ୍ରହ କରାଯାଇଥିଲା ଓ ଚଳିତବର୍ଷ ଜିଲାକୁ ୩୩, ୬୧୯ଟି ଫର୍ମ ସଂଗ୍ରହ ସକାଶେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଲକ୍ଷ୍ୟ ଧାର୍ଯ୍ୟ ସ୍ଥିର କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଶତକଡା ୧୫୮.୦୪ ଫର୍ମ ସଂଗ୍ରହ କରି ନବରଙ୍ଗପୁର ଜିଲା ସମଗ୍ର ଓଡିଶାରେ ପ୍ରଥମ ସ୍ଥାନରେ ରହିଥିବା ଜଣାପଡିଛି । ସେହିପରି ବର୍ତ୍ତମାନ ସୁଦ୍ଧା ସମୁଦାୟ ୪୫, ୭୩୭ଟି ଫର୍ମର ଡାଟା ଏଣ୍ଟ୍ରି କାମ ଇଆରଓ-ନେଟ ୱେବ ପୋଟାଲ ଅନଲାଇନରେ ଶେଷ ହୋଇଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ବାଚନ ବିଭାଗରୁ ସୂଚନା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ ଚୁଡାନ୍ତ ଭୋଟର ତାଲିକା ୨୦୧୯ ଜାନୁୟାରୀ ୪ତାରିଖରେ ପ୍ରକାଶିତ ହେବ ।

# ମରୁଡି ଅଞ୍ଚଳ ଘୋଷଣାରେ ନବରଙ୍ଗପୁର ସାମିଲ

ନବରଙ୍ଗପୁର,୧।୧୧(ବି.ପ୍ର.)

ନବରଙ୍ଗପୁର ଜିଲାକୁ ରାଜ୍ୟ ସରକାର ମରୁଡି ଅଞ୍ଚଳ ଭାବେ ଘୋଷଣା କରିଥିବାରୁ ଚାଷୀମାନେ କିଛି ମାତ୍ରରେ ଆଶ୍ୱସ୍ତି ଲାଭ କରିଛନ୍ତି । ନବରଙ୍ଗପୁର ଜିଲାରେ ଜଳସେଚନର ସୁବିଧା ନଥିବା ଓ ଅକ୍ଟୋବର ମାସରେ ଆଶାନୁରୂପ ବର୍ଷା ନହେବାରୁ ମରୁଡି ପରିସ୍ଥିତି ଦେଖା ଦେଇଥିଲା । ରାଜ୍ୟ ସରକାର ନବରଙ୍ଗପୁର, ବରଗଡ, ବଲାଙ୍ଗିର, ଦେଓଗଡ, ଝାରସୁଗୁଡା, ସମ୍ବଲପୁର, ନୂଆପଡା, କଳାହାଣ୍ଡି, ସୁନ୍ଦରଗଡ ଆଦି ଜିଲାଗୁଡିକରେ ୩୩ ପ୍ରତିଶତରୁ ଅଧିକ ଫସଲ ହାନୀ ହୋଇଛି ବୋଲି ଆକଳନ କରିଥିବା ଜଣାପଡିଛି । ମରୁଡି କ୍ଷତିପୂରଣ ନେଇ ଅଣ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬ ହଜାର ୭ ଶହ ଟଙ୍କା, ଜଳ ସେଚିତ ଜମିପିଛା ୧୩ ହଜାର ୫ଶହ ଟଙ୍କା ଘୋଷଣା କରିଛନ୍ତି । ଏହି ମରୁଡି ଘୋଷଣାରେ ନବରଙ୍ଗପୁର ଜିଲାର କେଉଁ ବ୍ଲକର କେତେ ଅଞ୍ଚଳ ମରୁଡି ପ୍ରଭାବିତ ହୋଇଛି ତାହା ଶୁକ୍ରବାର ରାଜ୍ୟ ସରକାରଙ୍କ ପାଖରୁ ଜିଲାକୁ ଚିଠି ଆସିଲେ ଜଣାପଡିବ । ଜିଲା ବିଜେଡି ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ସଂଯୋଜକ ପ୍ରମୋଦ ପାଢୀ କହିଛନ୍ତି ଯେ ଚାଷୀ ମାନେ ନଷ୍ଟ ହୋଇଥିବା ଫସଲ ପାଇଁ ସହାୟତା ପାଇ ପାରିବେ । ମରୁଡି ଘୋଷଣା କରିଥିବାରୁ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ସୂଚନା ଅଧିକାର ଆଇନ ସଂକ୍ରାନ୍ତ ଆଲୋଚନା ଚକ୍ର

ନବରଙ୍ଗପୁର,୧।୧୧(ବି.ପ୍ର.)–



ବୈଠକରେ ଉପସ୍ଥିତ ଅତିଥିମାନେ।

ସ୍ଥାନୀୟ ଜଳଛାୟା ସଭାଗୃହ ଠାରେ ସୂଚନା ଅଧିକାର ଆଇନ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅଗ୍ରଗାମୀ ଓ ଆରସିଡିସି ନବରଙ୍ଗପୁର ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ପିଡି ଡିଆରଡିଏ ରାମାକାନ୍ତ ନାୟକ ଯୋଗ ଦେଇ ସଚେତନ ନାଗରିକ ଇଣ୍ଟରନେଟ ବ୍ୟବହାର ଦ୍ୱାରା ସବୁ ଗୁଡିକୁ ସମୀକ୍ଷା ଓ ତଦାରଖ କରିପାରିବେ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ସିଡିଏମଓ ସରୋଜ କୁମାର ନାୟକ ଯୋଗ ଦେଇ କହିଥିଲେ ଯେ, ସବୁ କ୍ଷେତ୍ରରେ ଭଲ ଓ ମନ୍ଦ ଦିଗ ରହିଛି । ଏହାର ବ୍ୟବହାରକୁ ନେଇ ଫଳାଫଳ ନିର୍ଭର କରୁଛି । ସୂଚନା ଅଧିକାର ଆଇନକୁ ବ୍ୟବହାର କରିବା ସମୟରେ ଅନେକ କ୍ଷେତ୍ରରେ ବ୍ୟକ୍ତିଗତ ଓ ଆକ୍ଷେପ ମୂଳକ ଏବଂ ବହୁ ପୁରୁଣା ତଥ୍ୟ ମଗାଯାଉଛି । ଫଳରେ ତଥ୍ୟ ସଂଗ୍ରହ ଓ ତଥ୍ୟ ଦେବା ସମୟସୀମା ଅତିବାହିତ ହୋଇ ଯାଉଛି । ସୂଚନା ଅଧିକାର ଆଇନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହାନ । ଏହି ଆଇନକୁ ଜନସାଧାରଣଙ୍କ ସାମୂହିକ କଲ୍ୟାଣ ଦିଗରେ ବ୍ୟବହାର କଲେ ସମାଜ ଉପକୃତ ହୋଇ ପାରିବ । ଅଗ୍ରଗାମୀର ନିର୍ଦ୍ଦେଶକ ଅଚ୍ୟୁତ ଦାଶ କହିଥିଲେ ଯେ, ସରକାର ଓ ଜନସାଧାରଣଙ୍କ ମଧ୍ୟରେ କେତେକ କ୍ଷେତ୍ରରେ ଅନ୍ତରାୟ ରହି ଯାଉଛି । ଯାହା ଦ୍ୱାରାକି ସରକାରଙ୍କ ଅନେକ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିଲେ ମଧ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁ ନାହିଁ । ଅଗ୍ରଗାମୀ ପକ୍ଷରୁ ଗତ ୫ ବର୍ଷ ଧରି ୧୦ଟି ପଛୁଆ ଜିଲା ରାୟଗଡା, ନବରଙ୍ଗପୁର, ମାଲକାନଗିରି, ମୟୁରଭଞ୍ଜ, କନ୍ଧମାଳ, ନୂଆପଡା, କଳାହାଣ୍ଡି, ବଲାଙ୍ଗିର, ଗଜପତି ଓ କୋରାପୁଟ ଜିଲାର ୨୦ଟି ବ୍ଲକର ୧ଶହ ପଞ୍ଚାୟତ ଅଧିନ ୧ ହଜାର ଗାଁର ରୋଜଗାର ନିରାପତ୍ତା କ୍ଷେତ୍ରରେ ଜନସାଧାରଣଙ୍କ ସଶକ୍ତିକରଣ ନେଇ ହୋଇ ଥିବା ପ୍ରକଳ୍ପର ରୂପରେଖ ଓ ସଫଳତା ଆଦି ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା । ଆରସିଡିସିର ଆଞ୍ଚଳିକ ପରିଚାଳକ କେଶବ ଚନ୍ଦ୍ର ଦାଶ ଜିଲାର ସୂଚନା ଅଧିକାର ଫୋରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସଂଯୋଜକ ମହେନ୍ଦ୍ର ନାଗ କାର୍ଯ୍ୟକ୍ରମର ସଫଳତାକୁ ପାୱାର ପଏଣ୍ଟ ମାଧମରେ ଉପସ୍ଥାପନ କରିଥିଲେ । ରାଧା ଚରଣ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଜିଲାସ୍ତରୀୟ ପ୍ରମୁଖ ବିଭାଗର ସରକାରୀ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା , ନାଗରିକ ଚେତନା ମଞ୍ଚର ସଭ୍ୟା ସଭ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିଦ୍ୟୁତୀକରଣ ଯୋଜନାର ଶୁଭାରମ୍ଭ



ବିଦ୍ୟୁତୀକରଣ ଯୋଜନାକୁ ମନ୍ତ୍ରୀ ଉଦଘାଟନ କରୁଛନ୍ତି।

ଝରିଗାଁ,୧।୧୧(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ହାତୀବାଡି ଗ୍ରାମରେ ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି, ପଛୁଆବର୍ଗ ତଥା ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀଙ୍କ ଦ୍ୱାରା ବିଦ୍ୟୁତିକରଣ ଯୋଜନାର ଶୁଭାରମ୍ଭ ହୋଇଛି। ଗ୍ରାମରେ ପ୍ରାୟ ୧ଶହ ପରିବାରଙ୍କ ଘରେ ବିଜୁଳି ଆଲୋକ ପହଞ୍ଚିପାରିବ । ଏଥିସହ ଗାଁ ମଝିରେ ସ୍ଥାନୀୟ ବିଧାୟକ ପାଣ୍ଠିରୁ ଏକ ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ଏକ ହାଇମାଷ୍ଟ ଲାଇଟର ଶୁଭ ଉଦଘାଟନ କରାଯାଇଥିଲା। ଏହି ଅବସରରେ ଏମପିଙ୍କ ବ୍ଲକ ପ୍ରତିନିଧି ଉଦୟନାଥ ନାୟକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ପଞ୍ଚାୟତ ସମିତି ଅଧକ୍ଷା ରମୁଳା ଗଣ୍ଡ, ଜିଲ୍ଲା ପରିଷଦ ସଭ୍ୟ ମୋହନ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ବାହାଦୁର ସିଂ ଧୁରୁଆ, ସରପଞ୍ଚ ଅଗସ୍ତି ପୂଜାରୀ, ଟିକି ମାଝୀ, ପିଙ୍କୁ କାହାଳିଆ, ଘନଶ୍ୟାମ ଗୌଡ ପ୍ରମୁଖ ଉପସ୍ଥିତ ରହି ଥିଲେ।

# ପାଣି ପାଇପ ମରାମତି ପାଇଁ ଖୋଳାଯାଉଛି ରାସ୍ତା

■ କମୁଛି ରାସ୍ତାର ସ୍ଥାୟିତ୍ୱ

■ ରାସ୍ତା ଠିକ ଭାବେ ପୋତା ଯାଉ ନ ଥିବାରୁ ବଢୁଛି ଦୁର୍ଘଟଣା

ଉମରକୋଟ,୧।୧୧(ଡି.ଏନ.ଏ)



ପାଇପ ମରାମତି ପାଇଁ ରାସ୍ତା ଖୋଳାଯାଉଛି।

ଲୋକଙ୍କ ବହୁ ଦାବି ଓ ଆନ୍ଦୋଳନ ପରେ ନବରଙ୍ଗପୁର ଜିଲା ଉମରକୋଟ ସହରର ମୁଖ୍ୟ ସଡକ ଓ ସହରର ଅନ୍ୟାନ୍ୟ ସଡକ ନିର୍ମିତ ହୋଇଛି। କିନ୍ତୁ ରାସ୍ତା ତଳେ ଥିବା ପାଣି ପାଇପ ମରାମତି ଆଳରେ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ସମୟରେ ରାଜରାସ୍ତା ଖୋଳୁଛି। ଫଳରେ ରାସ୍ତାର ସ୍ଥାୟିତ୍ୱ କମି ଯାଉଛି। ରାସ୍ତା ଖୋଳାଯିବା ପରେ ଭଲ ଭାବେ ପୋତା ଯାଉ ନ ଥିବାରୁ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି।

ଉମରକୋଟରୁ ଛତିଶଗଡ ରାଜ୍ୟ କଣ୍ଡାଗାଁ ପର୍ଯ୍ୟନ୍ତ ଯାଇଥିବା ଏହି ମୁଖ୍ୟରାସ୍ତାରୁ ଉମରକୋଟରୁ ଦଣ୍ଡାସରା ପର୍ଯ୍ୟନ୍ତ ଗତ ଏକ ବର୍ଷ ତଳେ ରାସ୍ତା ନିର୍ମିତ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେବା ପୂର୍ବରୁ ଜନସ୍ୱାସ୍ଥ୍ୟ ବିଭାଗ ପାଣି ପାଇପ ଲାଇନ ଗୁଡିକ ମରାମତି କରିବାକୁ କୁହାଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ଭିତରେ ଜନସ୍ୱାସ୍ଥ୍ୟ ବିଭାଗ ପାଇପ ମରାମତି କରି ନ ଥିଲା। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ପାଇପ ଫାଟି ଯାଉଥିବାରୁ ଏହାର ମରାମତି ଆବଶ୍ୟକ ପଡିଛି। ପାଇପ ମରାମତି ପାଇଁ ରାସ୍ତା ୩ ଫୁଟ ଗଭୀର ଓ ଅଢେଇ ଫୁଟ ଚଉଡା ଖୋଳିବାକୁ ପଡିଥାଏ। ଫଳରେ ରାଜରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହି ଗାତ ଭଲ ଭାବରେ ପୋତା ନ ଯିବା ଫଳରେ ବହୁ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ତେବେ ରାଜରାସ୍ତା ଖୋଲିବା ପୂର୍ବରୁ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଅନୁମତି ନେବାକୁ ପଡେ। ଏଥିସହ ଖୋଳାଯାଇଥିବା ସଡକକୁ ମରାମତି କରିବା ପାଇଁ ନିୟମ ରହିଛି। କିନ୍ତୁ ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରାଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ହରିପ୍ରିୟା ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ ଉମରକୋଟ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ବିଶୁଦ୍ଧାନନ୍ଦ ବେହେରାଙ୍କ ସହ ମୌଖିକ ଭାବେ କଥା ହୋଇ ମରାମତି କରାଯାଉଛି। ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ବିଶୁଦ୍ଧାନନ୍ଦ ବେହେରାଙ୍କୁ ପଚାରିବାରୁ ସେ କହିଲେ ଲିଖିତ ଭାବେ କିଛି ଅନୁମତି ଦିଆଯାଇନି ଯାହା ମୌଖିକ ଭାବେ ସେ କଥା ହୋଇଛନ୍ତି। ତେବେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାମଲଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏ କ୍ଷେତ୍ରରେ କୌଣସି ଅନୁମତି ଦିଆଯାଇ ନାହିଁ।

